# ଛୁଟିଦିନ

# ବଦଳୁଛି ସମୟ ବଢୁଛି ଇଣ୍ଡୋରପ୍ଲାଣ୍ଟ





ପରିବେଶ ପରିସ୍ଥିତି ଏବେ ମଣିଷକୁ ବଦଳେଇ ଦେଇଛି। ମଣିଷ ଭିତରେ ଆସିଛି ପରିବର୍ତ୍ତନ, ଯାହାକୁ ନିହାତି ଭାବରେ ସକାରାତ୍ମକ କୁହାଯାଇପାରେ । କାରଣ ଗଛ କାଟୁଥିବା ମଣିଷ ଏବେ ଶୁଦ୍ଧବାୟୁଟିକେ ପାଇବା ପାଇଁ ପୁଣିଥରେ ଆରମ୍ଭ କରିଛି ଗଛ ଲଗାଇବା। ତେବେ ମାଳମାଳ ଘର କରିବାପରେ ଏବେ କିନ୍ତୁ ଗଛଟିଏ ପାଇଁ ଜାଗାର ଅଭାବ; ଯେଉଁଥି ପାଇଁ ଘର ଭିତରେ ଗଛ ଲଗାଇବାର ଟ୍ରେଣ୍ଡ ଏବେ ବଢିଚାଲିଛି ...

୩
ପ୍ରଚ୍ଛଦ ପ୍ରସଙ୍ଗ



କ୍ୟାଲେଣ୍ଡର



୬
ସିନେମା

୧୩
ସହରଠୁ ଦୂର



# ବାସ୍ତୁ ଅନୁଯାୟୀ ଘରସଜ୍ଜା



**ସକାରାତ୍ମକ ଉର୍ଜା ଓ ସୌଭାଗ୍ୟ ବୃଦ୍ଧି ପାଇଁ ସର୍ବଦା ବାସ୍ତୁ ଅନୁଯାୟୀ ଘରର ସାଜସଜ୍ଜା କରିବା ଜରୁରୀ । ଜାଣନ୍ତୁ କ'ଣ ରହିଛି ବାସ୍ତୁ ଅନୁଯାୟୀ ଘରସଜ୍ଜାର ନିୟମ..**

- ଘରର ମୁଖ୍ୟ ଦ୍ୱାର ସମ୍ମୁଖରେ ଥିବା କାନ୍ଥ କେବେ ବି ଖାଲି ରଖନ୍ତୁ ନାହିଁ । ଖାଲି କାନ୍ଥ ଏକାକିତ୍ୱକୁ ସୂଚାଇଥାଏ ଏବଂ ଦୁଃଖ ଓ ନକାରାତ୍ମକତା ବଢାଏ । ସେଥିପାଇଁ ମୁଖ୍ୟଦ୍ୱାର ପାଖ କାନ୍ଥରେ ଭଗବାନଙ୍କର ମୂର୍ତ୍ତି ବା ଅନ୍ୟ ଘରସଜ୍ଜା ଜିନିଷ ରଖିପାରିବେ। ଯଦି ଗଣେଶ ବା ବୁଦ୍ଧ ମୂର୍ତ୍ତି ରଖିଛନ୍ତି ତେବେ ଏହା ବହୁତ ଶୁଭ ଅଟେ ଏବଂ ଘର ନକାରାତ୍ମକ ଶକ୍ତିଠାରୁ ଦୂରେଇ ରହେ ।
- ଶୋଇବା ଘର ସ୍ୱାସ୍ଥ୍ୟ ଓ ସମ୍ପତ୍ତିକୁ ପ୍ରଭାବିତ କରିଥାଏ। ସେଥିପାଇଁ ଶୋଇବା ଘର ବାସ୍ତୁ ନିୟମ ଅନୁଯାୟୀ ସଜେଇବା ଉଚିତ । ଏଠାରେ ଭଲ ଭାବରେ ସୂର୍ଯ୍ୟ କିରଣ ଓ ତାଜା ପବନ ଆସିବା ଭଳି ଝରକା ରହିବା ଦରକାର । ଏଠାରେ ବେଶି ଆସବାବପତ୍ର ରଖିବା ଅନୁଚିତ । ଶୋଇବା ଘରେ ସର୍ବଦା ଗୋଟିଏ ଖଟ ରଖିବା ଭଲ । ଏହାଦ୍ୱାରା ସ୍ୱାମୀ ସ୍ତ୍ରୀ ମଧ୍ୟରେ ଏକତ୍ୱ ବଢିଥାଏ । ଖଟକୁ ସର୍ବଦା ଦକ୍ଷିଣ-ପଶ୍ଚିମ କୋଣରେ ରଖନ୍ତୁ ।
- ଘରେ ପେଣ୍ଟିଂ ଲଗାଉଥିଲେ ବାସ୍ତୁଶାସ୍ତ୍ର ଅନୁସାରେ ସବୁବେଳେ ସିନେରୀ ପରି ତଥା ନଦୀ ଝରଣା ବା ପ୍ରବାହିତ ସ୍ରୋତ ପରି ପେଣ୍ଟିଂ, ଗୋଲ୍ଡ ଫିସ୍‌ର ଚିତ୍ର ଇତ୍ୟାଦି ଲଗାନ୍ତୁ। ଏହା ଘରର ସକାରାତ୍ମକ ଶକ୍ତି ଓ ବିଭବ ବୃଦ୍ଧି କରିଥାଏ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

୨୭ ଡିସେମ୍ବର ୨୦୨୦-୨ ଜାନୁଆରୀ ୨୦୨୧

### ମେଷ



ଧୈର୍ଯ୍ୟଶୀଳ ହେବେ, ନୂତନ କାର୍ଯ୍ୟରେ ଅନୁପ୍ରବେଶ, ସ୍ୱାସ୍ଥ୍ୟ ଭଲ ରହିବ। ଆନୁଷ୍ଠାନିକ କାମରେ ପ୍ରଶଂସା, ଉପରିସ୍ଥ କର୍ମଚାରୀଙ୍କ ଅନୁକମ୍ପା, ନୂତନ ଗୃହଲାଭ, ଅର୍ଥଲାଭରୁ ଖୁସି, ସାହିତ୍ୟକୃତିରୁ ସମ୍ମାନ, ଚଳଚ୍ଚିତ୍ରରେ ସୁନାମ ।

### ବୃଷ



ସୁଖସମ୍ପଦ ଲାଭ, ବନ୍ଧୁସହ ଭ୍ରମଣ, ଚିତ୍ରକଳା ପ୍ରତି ରୁଚି, ଗବେଷଣାରେ ପ୍ରଶଂସା, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ ସାମ୍ବାଦିକତାରୁ ଗୌରବ, ଯାତ୍ରାରେ କୁଶଳ, କଚେରି ମାମଲାରେ ମନସ୍ତାପ, ଆତ୍ମୀୟଙ୍କ ସହ ମତାନ୍ତର ।

### ମିଥୁନ



ବୌଦ୍ଧିକତାର ବିକାଶ, ଗୃହଭୂମି ଲାଭ, କର୍ମକ୍ଷେତ୍ରରେ ସ୍ଥାନାନ୍ତର, ଲୋକ ସମ୍ପର୍କ ବୃଦ୍ଧି, ଯାନବାହନ କ୍ରୟ, ପାରିବାରିକ ସମସ୍ୟା, ଖର୍ଚ୍ଚ ପରିମାଣ ବଢିବ, ମାନସିକ ସ୍ଥିତି ବିଗିଡିବ, ପ୍ରତିବନ୍ଧକ ଦୂରେଇବ ।

### କର୍କଟ



ଶୁଭଖବରରୁ ଆନନ୍ଦ, ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି, ବଚସାରୁ କଳହ, ବନ୍ଧୁ ଭୁଲ୍ ବୁଝିବେ। ଆର୍ଥିକ ଅନଟନ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, କୃତ କର୍ମ ପାଇଁ ଅନୁତାପ, ପ୍ରତିବେଶୀଙ୍କ ଅନୁରକ୍ତି, ବାଣିଜ୍ୟରେ ସମସ୍ୟା ।

### ସିଂହ



ନୂତନ ଯୋଜନାରମ୍ଭ, କର୍ମକ୍ଷେତ୍ରରେ ଦକ୍ଷତା, ପରିବାରରେ ଶାନ୍ତି, ଯାନ ବାହନକ୍ରୟ, ରାଜନୈତିକ ହଟଚମଟ, ଗୁପ୍ତଶତ୍ରୁତାରୁ ସମସ୍ୟା, ଇଚ୍ଛା ବିରୋଧୀ କାର୍ଯ୍ୟ ।

### କନ୍ୟା



ଆନୁଷ୍ଠାନିକ କର୍ମାରମ୍ଭ, ପକ୍ଷପାତିତାରୁ କଳହ, ଅଧ୍ୟାପନାରେ ଅଭିରୁଚି, ବିଦେଶଯାତ୍ରାର ସୁଯୋଗ, ସଙ୍ଗୀତ ସମାରୋହ, ସନ୍ତାନଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ।

### ତୁଳା



କଳାସ୍ଥାପତ୍ୟର ନବୀକରଣ, ବିଳାସୋପକରଣ କ୍ରୟ, ଯାନବାହନରେ କ୍ଷତି, ମାଲିମକଦ୍ଦମାରେ ବାଇଦା, ସହକର୍ମୀଙ୍କ ଦୌରାତ୍ମ୍ୟ, ସମ୍ପର୍କୀୟଙ୍କ ମିତ୍ରତା, ଶତ୍ରୁତାର ବିଲୟ, ଖର୍ଚ୍ଚାନ୍ତରୁ ମନସ୍ତାପ ।

### ବିଛା



ସ୍ୱାସ୍ଥ୍ୟରେ ଉନ୍ନତି, ଅଭିଳାଷ ପୂରଣ, ମନରେ ପ୍ରସନ୍ନତା, ପ୍ଲଟିଙ୍ଗ ବ୍ୟବସାୟରୁ ଲାଭ, ଯନ୍ତ୍ରାଂଶ କ୍ରୟବିକ୍ରୟ, ସମସ୍ୟାବହୁଳ ପରିବାର, ଘର ସାଜସଜ୍ଜାରେ ବ୍ୟସ୍ତତା, ପ୍ରତିଯୋଗିତାରେ ସଫଳତା, କ୍ରନିକ୍ ରୋଗରେ ପୀଡା ।

### ଧନୁ




ଭାରସାମ୍ୟ ହରାଇବେ, ସ୍ୱଜନ ଶତ୍ରୁତା, ଋଣଗ୍ରସ୍ତ ହୋଇପାରନ୍ତି, ବନ୍ଧୁଙ୍କ ପ୍ରେରଣା, ଗଠନମୂଳକ କାର୍ଯ୍ୟ । ପ୍ରଶାସନିକ ସାହାଯ୍ୟ, ବନ୍ଧୁମିଳନରୁ ଆନନ୍ଦ, ଆଧ୍ୟାତ୍ମିକତାରୁ ଶାନ୍ତି, ଯୋଗସାଧନାରେ ଆଗ୍ରହ, ଦୁର୍ବଳତା ଦୂର ହେବ ।

### ମକର



କାର୍ଯ୍ୟସିଦ୍ଧି, ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ, ପାରିବାରିକ ସମର୍ଥନ, ଅଗ୍ରଣୀ ଭୂମିକା ଗ୍ରହଣ । ସଭାସମିତିକୁ ନିମନ୍ତ୍ରଣ, ମାଙ୍ଗଳିକ କାର୍ଯ୍ୟରେ ବାଧା, ବାଣିଜ୍ୟରେ ପ୍ରତିବନ୍ଧକ, ନିର୍ମାଣରେ ଦ୍ୱନ୍ଦ୍ୱ, ଋଣ ପରିଶୋଧର ତାଗିଦ ।

### କୁମ୍ଭ



ସାମାଜିକ ସମ୍ମାନ, ସାଂସ୍କୃତିକ କାର୍ଯ୍ୟରେ ତତ୍ପରତା, ଚଳଚ୍ଚିତ୍ରରେ ଦ୍ୱନ୍ଦ୍ୱ, ପୂର୍ବଶତ୍ରୁତାରୁ କଳହ । ବେହିସାବ ଖର୍ଚ୍ଚରୁ ମନସ୍ତାପ, ସରଳ ବିଶ୍ୱାସରୁ ସମସ୍ୟା, କବାଟ କିଳା ଆଲୋଚନା, ଚୁକ୍ତିପତ୍ର ସ୍ୱାକ୍ଷର, ନୂତନ ସ୍ଥାନ ପରିଦର୍ଶନ ।

### ମୀନ



ଦ୍ୱନ୍ଦ୍ୱରେ ପଡିବେ, ନିଷ୍ପତ୍ତି ନେବାରେ ସମସ୍ୟା, ଅନିଶ୍ଚିତତା ମଧ୍ୟରେ ଗତି, ଦୁଃସାହସିକ ପଦକ୍ଷେପ, ଧର୍ମାନୁଷ୍ଠାନରେ ସହଯୋଗ, ସାଂଗଠନିକ କାର୍ଯ୍ୟରେ ନେତୃତ୍ୱ, ଲେଖାପଢାରେ ରୁଚି, ଯୋଗାଯୋଗରେ ପ୍ରତିବନ୍ଧକ, ମନୋରଞ୍ଜନର ମଉକା ।

# ଭାରତର ଶେଷ ରାସ୍ତା

ତାମିଲନାଡୁର ପାମବାନ ଦ୍ୱୀପରେ ଧନୁଷ୍‌କୋଡୀ ନାମକ ଏକ ପରିତ୍ୟକ୍ତ ସହର ରହିଛି। ଏହାର ଦକ୍ଷିଣ-ପୂର୍ବର ରାସ୍ତା ଭାରତର ଶେଷ ରାସ୍ତାଭାବେ ପରିଚିତ। ଏହା ପାମବାନର ଦକ୍ଷିଣ-ପୂର୍ବରେ ଏବଂ ଶ୍ରୀଲଙ୍କାର ତାଲାଇମାନରଠାରୁ ୨୪ କିଲୋମିଟର ପଶ୍ଚିମରେ ପଡେ । ଏହି ସହର ୧୯୬୪ ମସିହା ରାମେଶ୍ୱରମ ବାତ୍ୟା ସମୟରେ ନଷ୍ଟ ହୋଇଯାଇଥିଲା । ଏହା ପରଠୁ ଏଠାରେ ଜନ ବସତି ସୃଷ୍ଟି ହୋଇନାହିଁ ଏବଂ ପରିତ୍ୟକ୍ତ ଅବସ୍ଥାରେ ରହିଛି।



# ପାଠକୀୟ

- ଋତୁ ଆସେ ଋତୁ ଯାଏ। ହେଲେ ପ୍ରତି ଋତୁ ସହ ଯୋଡ଼ି ହୋଇ ରହିଯାଏ କିଛି ସ୍ମୃତି ଓ ଅନୁଭୂତି। ଆଉ ଶୀତ ଏମିତି ଏକ ଋତୁ ସେ ଯେତିକି କଷ୍ଟ ଦିଏ, ତା'ଠୁ ବେଶି ଦିଏ ମିଠା ମିଠା ଅନୁଭୂତି। ଗାଁରେ ବିତିଥିବା ଶୀତର ଅନୁଭୂତି ତ ଭୁଲି ହୁଏନା ଜୀବନ ସାରା। ତେଣୁ ପିଲାଦିନର ଶୀତଋତୁ କଥା ମନେପକାଇ, କେତେଜଣ ବିଶିଷ୍ଟ ବ୍ୟକ୍ତି ଦେଇଥିବା ତାଙ୍କର ମତାମତଗୁଡ଼ିକ ମୋ ମନକୁ ବେଶ୍ ଛୁଇଁ ଯାଇଥିଲା। କହିବାକୁ ଗଲେ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସେଦିନର ଶୀତ'ଟି ଏକ ଉଚ୍ଚକୋଟୀର ଆଲେଖ୍ୟ ଥିଲା। ସେହିପରି ଘରେ ଗନ୍ଧ କର୍ପୂର ଥିଲେ କ'ଣ ସବୁ ସୁବିଧା ହୁଏ, ତାହା ବି ଉକ୍ତ ସଂଖ୍ୟାର ଛୁଟିଦିନରୁ ଜାଣିହେଲା।

*-ରାକେଶ ଶତପଥୀ, ମକୁନ୍ଦପୁର, ବାଙ୍କୀ*

- ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସେଦିନର ଶୀତ'ରୁ ଶୀତକୁ ନେଇ ବିଶିଷ୍ଟ ବ୍ୟକ୍ତିଙ୍କର ନିଜସ୍ୱ ଅନୁଭୂତି ଖୁବ୍ ଭାବଗର୍ଭକ ହୋଇଥିଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ସ୍ନେହର ଭାତ ଗଣ୍ଡେ' ନାମକ ଗପଟି ବି ବେଶ୍ ହୃଦୟସ୍ପର୍ଶୀ ଥିଲା। ଅନ୍ୟପକ୍ଷେ ପ୍ରତିଥରର ପ୍ରଥମ ରୋଜଗାର ସମ୍ପର୍କିତ ଲେଖାଟି ପଢିବାକୁ ମୋତେ ଭାରି ଭଲ ଲାଗେ। ହାଃ ହାଃ ପୃଷ୍ଠା ବି ଖୁବ୍ ମନଛୁଆଁ ହୋଇପାରୁଛି।

*-ନିରଞ୍ଜନ ସାହୁ, ନେତପୁର, ନାଗପୁର, ପୁରୀ*

- 'ଯଶୋଦାଙ୍କ ସଚେତନତା' ପାଠଟି ବି ଏକ ପ୍ରେରଣାଦାୟୀ ବିଷୟ ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଲୋକପ୍ରିୟ ସମ୍ବଲପୁରୀ ଗୀତ 'ରଙ୍ଗବତୀ ରଙ୍ଗବତୀ କନକଲତା'ର ଗାୟିକା ଡ. କ୍ରିଷ୍ଣା ପଟେଲଙ୍କ ଜୀବନୀ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ସିନେମା ପୃଷ୍ଠାରେ ସ୍ଥାନିତ 'ଟେନ୍‌ସନରେ ଜାହ୍ନବୀ', 'ଆୟୁଷ୍ମାନଙ୍କ କଥା ରହିଲା' ତଥା 'ଡେଟ୍ ପ୍ରୋବ୍ଲେମ୍' ଆଦି ପାଠଗୁଡ଼ିକ ବେଶ୍ ମନଛୁଆଁ ହୋଇପାରିଥିଲା।

*-ଦୀପକ ପ୍ରଧାନ, ଝାରସୁଗୁଡ଼ା*

- ପ୍ରଥମ ରୋଜଗାର ସ୍ତମ୍ଭରୁ ଅଧ୍ୟାପକ ତଥା ସାହିତ୍ୟିକ ଅମ୍ବିକା ପ୍ରସାଦ ସାମନ୍ତରାୟଙ୍କ ରୋଜଗାର ସମ୍ପର୍କିତ ଲେଖାଟି ପଢିଲି, ଯାହା ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। 'ଅଜବ ଗ୍ଲୋବ୍ସ' ପାଠଟି ବି ସତରେ ଭାରି ମଜାଦାର୍ ଥିଲା। ସେହିପରି ସହର ପୃଷ୍ଠାରୁ 'ଅରୁଣାଚଳ ପ୍ରଦେଶ' ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*-ସୁଜିତ୍ ପଟ୍ଟନାୟକ, କେନ୍ଦୁଝରଗଡ଼*

- 'ଦାମୀ ମୂର୍ତ୍ତି' ପାଠଟିରୁ ବିଭିନ୍ନ ପ୍ରକାର ଅଜବ ଅଜବ ମୂର୍ତ୍ତି ଓ ସେମାନଙ୍କ ମୂଲ୍ୟ ସମ୍ପର୍କରେ ଜାଣି ଖୁସି ଲାଗିଲା। ସେହିପରି ବିବିଧା ପୃଷ୍ଠାରେ ସ୍ଥାନିତ 'କଣ୍ଢେଇ ସ୍ତ୍ରୀ' ପାଠଟି ପଢିଲା ପରେ ବେଶ୍ ଆଶ୍ଚର୍ଯ୍ୟ ଲାଗିଲା ଯେ, ସତରେ କ'ଣ କେହି ଜଣେ କଣ୍ଢେଇକୁ ନିଜର ଧର୍ମପତ୍ନୀ ଭାବେ ଗ୍ରହଣ କରି ତା'ସହ ସାରା ଜୀବନ ବିତାଇପାରେ। ଏଥରର କାର୍ଟୁନ କର୍ନର ବି ବେଶ୍ ମଜାଳିଆ ହୋଇଥିଲା।

*-ଶକ୍ତିପ୍ରସାଦ ମହାପାତ୍ର, ବାଣପୁର*



## ବିଶେଷ ଚିଠି

ସବୁ ପାଠକଙ୍କ ପାଇଁ ଛୁଟିଦିନ
ଅପାସୋରା ପାଠ ପରି,
ଅନେକ ପତ୍ରିକା ମିଳୁଅଛି ହେଲେ
କେହି ନୁହେଁ ତା'ର ସରି।
ରଙ୍ଗରେ ରୂପରେ ଇନ୍ଦ୍ରଧନୁସମ
ଦିଶୁଅଛି ମନୋହର,
ସୁନ୍ଦରତା ସହ ଗୁଣବତ୍ତା ତା'ର
ସତରେ ଅନ୍ୟଠୁ ସାର।
ଦିନେ ନ ପଢିଲେ କୌଣସି କାମରେ
ଲାଗେ ନାହିଁ ମୋର ମନ,
ପ୍ରିୟ ଛୁଟିଦିନ ଧରିତ୍ରୀ ସାଥିରେ
ଆସେ ରବିବାର ଦିନ।

*-ଡ. ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ          ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ବଦଳୁଛି ସମୟ
# ବଢୁଛି ଇଣ୍ଡୋରପ୍ଲାଣ୍ଟ





ବଡ଼ ବଡ଼ ସହରଗୁଡ଼ିକରେ ଯେମିତି ବିଶୁଦ୍ଧ ବାୟୁ ଟିକେ ପାଇବା ସ୍ୱପ୍ନ ହୋଇଗଲାଣି। ଆଗକୁ ଆଗକୁ ପରିସ୍ଥିତି କ'ଣ ହେବ ତାକୁ ଦୃଷ୍ଟିରେ ରଖି ଏବେ ଅଧିକାଂଶ ଲୋକ ଗଛ ଲଗାଇବା ପାଇଁ ଆଗ୍ରହୀ ହେଲେଣି। ତେବେ ପର୍ଯ୍ୟାପ୍ତ ଗଛ ଲଗାଇବା ପାଇଁ ଏବେ ଜାଗା କାହିଁ? ତେଣୁ ଘର ଭିତରେ କେମିତି ଅଧିକରୁ ଅଧିକ ଗଛ ଲଗାଇ ହେବ ଏବେ ସେହି ଚିନ୍ତା ସମସ୍ତଙ୍କୁ ଘାରିଛି। ନିଜେ ସୁସ୍ଥ ରହି ପରିବେଶକୁ କିପରି ସୁସ୍ଥ ରଖିହେବ ସେଥିପାଇଁ ଅଣ୍ଟା ଭିଡିଲେଣି ଅନେକେ। ତେବେ ଘର ଭିତରେ ତ ସବୁ ଗଛ ବଞ୍ଚିବନି, କିଛି ବଛା ବଛା ଗଛ ହିଁ ଘର ଭିତରେ ବଢ଼ିପାରିବ। ଘର ଭିତରେ ବଢ଼ି ପର୍ଯ୍ୟାପ୍ତ ପରିମାଣରେ ଅକ୍ସିଜେନ୍ ଦେଉଥିବା ଏମିତି କିଛି ଗଛ ଏବେ ଲୋକେ ଅଧିକରୁ ଅଧିକ ଘରେ ଲଗାଉଛନ୍ତି। କେବଳ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରରେ ଥିବା ନର୍ସରିରେ ଦୁଇ ବର୍ଷର ଇଣ୍ଡୋର ପ୍ଲାଣ୍ଟ ବିକ୍ରିକୁ ନେଇ ଏକ ତଥ୍ୟ ଦେଖିଲେ ଜଣାପଡ଼େ ୨୦୧୯ରେ ପାଖାପାଖି ଆଠ ଲକ୍ଷ ଟଙ୍କାର ଗଛ ବିକ୍ରି ହୋଇଥିବା ବେଳେ ୨୦୨୦ରେ ପାଖାପାଖି ଦଶ ଲକ୍ଷ ଟଙ୍କାର ଗଛ ବିକ୍ରି ହୋଇଛି। ଓଡ଼ିଶା ଗାର୍ଡେନ ବା ରାମ୍‌ଜୀ ଫ୍ଲାୱାର୍ସର ବବିତା ଅଗ୍ରୱାଲ କହନ୍ତି, ପ୍ରତିବର୍ଷ ଇନ୍‌ଡୋର୍ ପ୍ଲାଣ୍ଟ ବିକ୍ରିରେ ଅତିକମ୍‌ରେ ୧୫% ବଢିଥାଏ। କିନ୍ତୁ ଏଥର କୋଭିଡ ସମୟରେ ଲୋକେ ଗଛ ଲଗାଇବାକୁ ନେଇ ଅଧିକ ସଚେତନ ହୋଇଛନ୍ତି। ତେଣୁ ୨୦%ରୁ ଅଧିକ ବିକ୍ରି ହୋଇଛି। ବେଶି ବିକ୍ରି ହେଉଛି ଏୟାର ପ୍ୟୁରିଫାୟର ପ୍ଲାଣ୍ଟ, ସକୁଲାଣ୍ଟ ପ୍ଲାଣ୍ଟ, ସନସବେରା, ଟେବୁଲଏରିକା ଓ ଜେଡ୍ ଜେଡ୍ ପ୍ଲାଣ୍ଟ। ଏହାକୁ ବାଦ୍ ଦେଲେ ଆହୁରି ଅନେକ ନର୍ସରି ବି ରହିଛି। ତେଣୁ ଇଣ୍ଡୋର ପ୍ଲାଣ୍ଟ ଲଗାଇବାକୁ ନେଇ ଲୋକମାନଙ୍କ ମନରେ ଆଗ୍ରହ ଏଇଥିରୁ ସ୍ପଷ୍ଟ ଅନୁମେୟ ଏବଂ ଏହା ଏକ ସକାରାତ୍ମକ ଦିଗକୁ ନିହାତି ଭାବରେ ଦୃଷ୍ଟି ଦେଉଛି।

**ପରିବେଶ ପରିସ୍ଥିତି ଏବେ ମଣିଷକୁ ବଦଳେଇ ଦେଇଛି। ମଣିଷ ଭିତରେ ଆସିଛି ପରିବର୍ତ୍ତନ, ଯାହାକୁ ନିହାତି ଭାବରେ ସକାରାତ୍ମକ କୁହାଯାଇପାରେ। କାରଣ ଗଛ କାଟୁଥିବା ମଣିଷ ଏବେ ଶୁଦ୍ଧବାୟୁଟିକେ ପାଇବା ପାଇଁ ପୁଣିଥରେ ଆରମ୍ଭ କରିଛି ଗଛ ଲଗାଇବା। ତେବେ ମାଳମାଳ ଘର କରିବାପରେ ଏବେ କିନ୍ତୁ ଗଛଟିଏ ପାଇଁ ଜାଗାର ଅଭାବ; ଯେଉଁଥି ପାଇଁ ଘର ଭିତରେ ଗଛ ଲଗାଇବାର ଟ୍ରେଣ୍ଡ ଏବେ ବଢିଚାଲିଛି ...**



ଶର୍ମିଷ୍ଠା

**କେଉଁ ଗଛ କ'ଣ ପାଇଁ:** ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ଅନେକ କାରଣରୁ ଆମେ ଅସ୍ୱସ୍ତି ଅନୁଭବ କରିଥାଉ। ନାନା ପ୍ରକାର ଚିନ୍ତାରୁ ଭଲରେ ଶୋଇ ନ ପାରିବା କାରଣରୁ ମନ ଭଲ ରହେ ନାହିଁ ଏବଂ ଚିନ୍ତା ବଢ଼େ। ତେବେ ଏମିତି କିଛି ଗଛ ଅଛି ଯିଏ ଆମକୁ ଏସବୁରୁ ମୁକ୍ତି ଦେଇପାରେ। ଏ ସମ୍ପର୍କରେ ଭୁବନେଶ୍ୱରସ୍ଥ ସହକାରୀ ବିହନ ପ୍ରମାଣନ ଅଧିକାରୀ **ଡ. ପରେଶ କୁମାର ପଣ୍ଡା** କୁହନ୍ତି, ଏମିତି ସବୁ ଗଛ ଅଛି ଯାହାକୁ ଘରେ ରଖିଲେ ଆପଣଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଅକ୍ସିଜେନ ଯୋଗାଇବା ସହ ଅବସାଦ ଦୂର କରି ଶରୀର ଓ ମନ ସୁସ୍ଥ ରଖିଥାଏ।

**ସ୍ପାଇଡର ପ୍ଲାଣ୍ଟ:** ତାହା ଘରର ବାୟୁରୁ ଫର୍ମାଲ ଡିହାଇଡ୍, କାର୍ବନ୍ ମନୋକ୍ସାଇଡ୍ ଓ ଅନ୍ୟ ବିଷାକ୍ତ ଗ୍ୟାସ୍‌ର ଅପସାରଣ କରାଇଥାଏ ; ଯାହା ପେପର୍ ବ୍ୟାଗ୍, ମହମବୋଳା କାଗଜ, ଟିସୁ ପେପର, ନାପ୍‌କିନ୍, ପ୍ଲାଇଉଡ୍ ପ୍ୟାନେଲ୍ ଓ ସିନ୍ଥେଟିକ୍ ଜନିଷରୁ ସାଧାରଣତଃ ଆସିଥାଏ। କୁଣ୍ଡରେ ଏହି ଉଦ୍ଭିଦକୁ ସୂର୍ଯ୍ୟକିରଣ ସିଧାସଳଖ ପାଉ ନ ଥିବା ସ୍ଥାନରେ ରଖାଯାଇପାରେ। ଏହାକୁ ମଝିରେ ମଝିରେ ହାଲୁକା ପାଣି ଦିଆଯାଏ।

**ଘି କୁଆଁରି(ଆଲୋଏଭେରା):** ଏହାର ଅନେକ ଔଷଧୀୟ ଗୁଣ ରହିଛି। ଜଳାପୋଡ଼ା ହେଉଥିବା ଚର୍ମ(ପୋଡ଼ା, ସୂର୍ଯ୍ୟକିରଣଜନିତ ଜଳା, କଷ୍ଟ, ସୋରିଆସିସ୍ ଚର୍ମ ରୋଗ, ଘା' ଆଦି) ଏବଂ ଅମ୍ଳବେଦନା ଉପଚାରରେ ଲାଗିଥାଏ। ଘରର ବାୟୁକୁ ଶୁଦ୍ଧ ରଖିଥାଏ। ମୁହଁରେ ଔଷଧୀୟ ମଲମ ରୂପେ ବ୍ୟବହାର ଦ୍ୱାରା ଜାଜ୍ୱଲ୍ୟ ଆସିଥାଏ ଓ ବ୍ରଣ ଆଦି ହୋଇ ନ ଥାଏ। ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ରଖିଲେ ଭଲ ଓ ଅଳ୍ପ ପାଣି ଦରକାର କରିଥାଏ।

**ଲାଭେଣ୍ଡର:** ଏହାର ଫୁଲ ବେଶ୍ ସୁନ୍ଦର ଓ ସୁଗନ୍ଧଯୁକ୍ତ। ଅବସାଦରେ ମାନସିକ ଶାନ୍ତି ପ୍ରଦାନକାରୀ, ସ୍ପା' ଉତ୍ପାଦ(ଯଥା- ବାଥ୍ ସଲ୍ଟସ୍, ସ୍କିନ୍ କେୟାର କ୍ରିମ୍, ସାବୁନ୍) ଓ ମହମବତିରେ ବ୍ୟବହାର ହୋଇଥାଏ। ଘରର ଯେକୌଣସି ସ୍ଥାନରେ ରଖାଯାଇପାରେ। ବିଶେଷକରି ଶୋଇବା ଘରେ, ଯାହା ଭଲ ନିଦ୍ରାରେ ସହାୟକ ହୋଇଥାଏ। ଅସୁସ୍ଥ, ବିଚଳିତ, ଉଦ୍‌ବିଗ୍ନ, ଗଭୀର ବିଷାଦ ଓ ନିଦ୍ରାହୀନତା କ୍ଷେତ୍ରରେ ବେଶ୍ ଲାଭପ୍ରଦ ହୋଇଥାଏ। ଗଛ ଉପରେ ସୂର୍ଯ୍ୟକିରଣ ପଡ଼ିଲେ ଭଲ ଓ ଅଳ୍ପ ଓଦାଳିଆ ରହିଲେ ଏହା ଭଲ ବଢ଼ିଥାଏ।


**ଇଂଲିଶ ଆଇଭି-** ଆଲର୍ଜି ବୃଦ୍ଧିକାରୀ ବାୟୁଜନିତ ଫିମ୍ପି ଅପସାରଣରେ ଏହା ଭଲ କାର୍ଯ୍ୟ କରିଥାଏ। ବିଶେଷକରି ଯେଉଁମାନେ ରାତ୍ରିରେ ଶ୍ୱାସଜନିତ ଅସୁବିଧା କିମ୍ବା ଆଜମାରେ ଆକ୍ରାନ୍ତ/ ସଂକ୍ରମିତ ହୋଇଥାନ୍ତି, ସେମାନଙ୍କ ପାଇଁ ଏହା ବହୁତ ଉପକାରୀ ଉଦ୍ଭିଦ। କିନ୍ତୁ ଏହାର ରସ ବିଷାକ୍ତ ହୋଇଥିବାରୁ ପିଲାମାନଙ୍କଠାରୁ ଓ ଗୃହପାଳିତ ପ୍ରାଣୀ/ପକ୍ଷୀମାନଙ୍କଠାରୁ ଦୂରରେ ରଖିବା ଭଲ। ଏହାକୁ ସୂର୍ଯ୍ୟକିରଣ ଦରକାର ନାହିଁ।

**ସ୍ନେକ ପ୍ଲାଣ୍ଟ-** ଏହାର ପତ୍ରକୁ ମା'ର ଜିଭ ମଧ୍ୟ କୁହାଯାଏ। ଘରେ ବିଶୁଦ୍ଧ ବାୟୁ ସେବନ ନିମନ୍ତେ ଉଦ୍ଭିଦ ମଧ୍ୟରେ ଏହା ଖୁବ୍ ଲୋକପ୍ରିୟ। ଏହା ବାୟୁରୁ ବିଭିନ୍ନ ପ୍ରକାର ଦୂଷିତ ପଦାର୍ଥ(ଯଥା: ଟ୍ରାଇକ୍ଲୋରୋଇଥିଲିନ, ଫର୍ମାଲ ଡିହାଇଡ, ଟଲୁଇନ, ବେନ୍‌ଜିନ୍, ଜାଇଲିନ) ଅପସାରଣ ସହିତ ଅଧିକ ପରିମାଣର ଅମ୍ଳଜାନ ନିର୍ଗତ କରିଥାଏ। ବଡ଼ ଘର ପାଇଁ ୬ରୁ ୮ଟି ଗଛ ରଖିଲେ ଭଲ। ଏହି ଗଛ ସହଜରେ ଓ ପ୍ରାୟ ଶୁଖିଲା ଅବସ୍ଥାରେ ବଢିଥାଏ।

**ରୋଜ ମେରୀ:** ଏହା ଏକ ଆବଶ୍ୟକୀୟ ତୈଳାଂଶ ଧାରଣ କରିଥାଏ ; ଯାହା ସ୍ମରଣ ଶକ୍ତି ଓ ଏକାଗ୍ରତା ବୃଦ୍ଧିରେ ସହାୟକ ହୋଇଥାଏ। ଯେକୌଣସି ସ୍ଥାନରେ ଏହାକୁ







ରଖାଯାଇ କମ ପାଣି ଦେବା ସହ ଫୁଲ ଫୁଟିବା ପରେ କାଟଛାଣ୍ଟ କରାଯାଏ।

**ପିସ୍ ଲିଲି–** ଏଥିରୁ ସୁନ୍ଦର ଧଳା ଫୁଲ ଆସିଥାଏ। ଏହି ଗଛର ଉପସ୍ଥିତି ଦ୍ୱାରା ଯଥେଷ୍ଟ ମାତ୍ରାର ଆମୋନିଆ, ବେନ୍‌ଜିନ୍, ଜାଇଲିନ, ଫର୍ମାଲ ଡିହାଇଡ ଓ ଟ୍ରାଇକ୍ଲୋରୋଇଥିଲିନ ଗ୍ୟାସ ଘରର ବାୟୁରୁ ଅପସରିତ ହୋଇଥାଏ। ଏହି ଗଛକୁ ଡାଇନିଙ୍ଗ ଟେବୁଲ, ପାର୍ଶ୍ୱବର୍ତ୍ତୀ ଟେବୁଲ କିମ୍ବା ପ୍ରବେଶ ଦ୍ୱାରରେ ଥିବା ଟେବୁଲ ଉପରେ ଛାୟା ସ୍ଥାନରେ ରଖାଯାଇପାରେ। ବାୟୁକୁ ବିଶୁଦ୍ଧ କରିବାରେ ଏହା ସବୁଠୁ ଦକ୍ଷ ଉଦ୍ଭିଦ।

**ବୋଷ୍ଟନ ଫର୍ଣ୍ଣ:** ଘରର ବାୟୁରୁ ବିଷାକ୍ତ ଗ୍ୟାସ ଯଥା ଫର୍ମାଲ ଡିହାଇଡ, ଜାଇଲିନ ଏବଂ ଅନାବଶ୍ୟକ ଧୂମାୟିତ ପଦାର୍ଥକୁ ଅପସାରଣ କରି ପ୍ରାକୃତିକ ଉପାୟରେ ଘରର ଆବଶ୍ୟକୀୟ ଆର୍ଦ୍ରତା ବଜାୟ ରଖିବାରେ ବିଶେଷ ସହାୟକକାରୀ ଗଛ। ଶୀତତାପ ନିୟନ୍ତ୍ରିତ କୋଠରିରେ ଏହାକୁ ରଖିବା ଦ୍ୱାରା ଚର୍ମ ଶୁଷ୍କ ହେବା ଜଣାପଡ଼ି ନ ଥାଏ। ଘର ଥଣ୍ଡା ରହି ଆପେକ୍ଷିକ ଆର୍ଦ୍ରତା ୫୦–୮୦ ପ୍ରତିଶତ ରହିଥାଏ।

**ମନି ପ୍ଲାଣ୍ଟ–** ଏହା ଘରର ବାୟୁରୁ ଦୂଷିତ ଗ୍ୟାସକୁ ଅପସାରିତ କରି ସୁସ୍ଥତା ଆଣିବାରେ ସହାୟକକାରୀ ଉଦ୍ଭିଦ ଓ ବୋତଲର ପରିଷ୍କାର ଜଳରେ ରଖିଲେ ଏହା ଭଲରେ ବଢ଼ି କାନ୍ଥ/ଝରକା କନ୍ଦି/ଗ୍ରିଲରେ ମାଡ଼ି ସବୁଜିମା ଭରିଥାଏ।

**କାକ୍ଟସ ପ୍ଲାଣ୍ଟ–** ଏହି ଗଛ ଏକ ପ୍ରାକୃତିକ ଜୀବାଣୁନାଶକ ଏବଂ ଘରେ ଥିଲେ ବିଶୁଦ୍ଧ ବାୟୁସେବନରେ ସହାୟକକାରୀ। ସହଜରେ ଖୁବ୍ କମ ପାଣିରେ ରଙ୍ଗିନ ଖଣ୍ଡ ପଥର, ଗୋଡ଼ି ଦେଇ ପଟ୍‌ରେ ରଖିଲେ ସୁନ୍ଦର ଦିଶେ।

**–ଏରିକା ପାମ୍:** ଏହି ଗଛ ବାୟୁରେ ଥିବା ଫରମେଲିଡ୍‌ହାଇଡ୍(ରୋଗାନୁଶକ ବାଷ୍ପ) ଓ କାରବନ୍ ଡାଇଅକ୍‌ସାଇଡ୍ ଭଳି ବିଷାକ୍ତ ଗ୍ୟାସ୍‌କୁ ଛାଣି ଆମକୁ ଶୁଦ୍ଧ ବାୟୁ ପ୍ରଦାନ କରିଥାଏ। ଏହାଛଡା ଏହି ଗଛ ଜେଲିନ୍ ବିଷାକ୍ତ ଗ୍ୟାସ୍‌କୁ ମଧ୍ୟ ଶୋଷଣ କରି ବିଶୁଦ୍ଧ ବାୟୁରେ ପରିଣତ କରେ ଓ ଚତୁଃପାର୍ଶ୍ୱରେ ଆର୍ଦ୍ରତା ସୃଷ୍ଟି କରିଥାଏ। ଏହି ଗଛ ଦେଖିବାକୁ ମଧ୍ୟ ବହୁତ ଆକର୍ଷଣୀୟ ହୋଇଥାଏ।

ଏହାର ବେଶି ଯତ୍ନ ନେବାକୁ ପଡେ ନାହିଁ। ଏହାକୁ ସିଧା ଖରା ପଡୁଥିବା ସ୍ଥାନରେ ନ ରଖି ଛାଇ ବା ଅଳ୍ପ ଖରା ପଡୁଥିବା ସ୍ଥାନରେ ରଖିବା ଉଚିତ। ନଚେତ୍ ଏହାର ପତ୍ରଗୁଡିକ ଧୀରେ ଧୀରେ ହଳଦିଆ ପଡିଯାଇଥାଏ। ଏହି ଗଛର ମୂଳରେ ଛୋଟ ଛୋଟ ପୁଆ ବାହାରି ଥାଏ ; ଯାହାକୁ କାଢି ଅନ୍ୟ କୁଣ୍ଡରେ ଲଗେଇ ହେବ।

**ସ୍ପାଇଡର ପ୍ଲାଣ୍ଟ :** ଏହି ଗଛ ଦେଖିବାକୁ ବହୁତ ସୁନ୍ଦର ଲାଗେ ଓ ଏହାକୁ ଘରେ ସଜାଇଲେ ମଧ୍ୟ ଏହା ଘରର ଲୁକ୍ ବଦଳାଇ ଦେଇଥାଏ। ଏହି ଗଛ ଫରମେଲିଡ୍‌ହାଇଡ୍ ଓ କାରବନ୍ ମନୋକ୍‌ସାଇଡ୍ ଭଳି ବିଷାକ୍ତ ଗ୍ୟାସ୍‌କୁ ଶୋଷଣ କରି ଶୁଦ୍ଧ ବାୟୁରେ ପରିଣତ କରେ। ଏହି ଗଛର ମଧ୍ୟ ପୁଆ ବାହାରି ଥାଏ ; ଯାହାକୁ କାଟି ଅନ୍ୟ କୁଣ୍ଡ ଗୁଡ଼ିକରେ ଲଗେଇ ହେବ। ଏହି ଗଛର ଅଧିକ ଯତ୍ନ ନେବାକୁ ପଡିଥାଏ।

**ଚାଇନା ପ୍ଲାଣ୍ଟ :** ଏହି ଗଛ ଦେଖିବାକୁ ବହୁତ ସୁନ୍ଦର ଓ ଏହାର ପତ୍ରଗୁଡିକ ବହୁତ ବଡ ବଡ ହୋଇଥାଏ। ଏହି ଗଛ ପାଇଁ ଅଧିକ ଯତ୍ନ ଆବଶ୍ୟକ ନ ଥାଏ। ଏହା ମଧ୍ୟ ଦୂଷିତ ବାୟୁକୁ ବିଶୁଦ୍ଧ କରିଥାଏ। ଏହା ଯେକୌଣସି ସ୍ଥାନରେ ରଖିଲେ ବଢିଥାଏ।

**ଡେଫେନ୍‌ବେଚିଆ ପ୍ଲାଣ୍ଟ :** ଏହି ପ୍ଲାଣ୍ଟ ଦେଖିବାକୁ ବଡ ବଡ ପତ୍ର ଯୁକ୍ତ ; ଯାହା ସବୁଜ ଓ ହଳଦିଆ ମିଶ୍ରଣ ରଙ୍ଗର ହୋଇଥାଏ। ଏହି ଗଛକୁ ଡେକୋରେଶନ୍‌ରେ ବ୍ୟବହାର କଲେ ଏହା ବହୁତ ସୁନ୍ଦର ଲାଗିଥାଏ। ଏହାଛଡା ଏହା ବାୟୁରେ ଥିବା ଟକ୍ସିନ୍ ଶୋଷଣ କରି ଶୁଦ୍ଧ ବାୟୁ ପ୍ରଦାନ କରିଥାଏ। ଏହା ମଧ୍ୟ ବେଶି ଯତ୍ନ ଆବଶ୍ୟକ କରେ ନାହିଁ।

**ଗଛ ଯାହାଙ୍କ ଜୀବନ:** ଅନେକେ ଗଛକୁ ଭଲ ପାଆନ୍ତି ତାକୁ ପରିବାରର ସଦସ୍ୟ ବୋଲି ଭାବନ୍ତି। ଗଛ ତାଙ୍କ ପାଇଁ ଜୀବନ।

## ଗଛ ମୋ କଥା ଶୁଣନ୍ତି, ବୁଝନ୍ତି : କାମଦେବ ମହାରଣା

ଛୋଟବେଳୁ ତାଙ୍କର ଗଛପ୍ରତି ଦୁର୍ବଳତା। ପଢା ଟେବୁଲ ଉପରେ କି ସାମ୍ନା ଝରକାରେ ନିହାତି ମନିପ୍ଲାଣ୍ଟଟେ ଥିବ ; ଯେଉଁଠି କି ଯେତେବେଳେ ସମୟ ପାଇଲେ କେମିତି ଗଛଟିଏ ଲଗାଇବି, ଇଏ ହେଲେ କାମଦେବ ମହାରଣା। ପୁରୀଜିଲା, ଅସ୍ତରଙ୍ଗର ବଡ଼ଗୋଲା ଗାଁ। ସେ କୁହନ୍ତି – ଛୋଟବେଳେ ଆମଘରେ ଗଛଟିଏ ଲାଗିବାରଥିଲେ ବୋଉ ଡାକପକାଏ ମତେ। ମୁଁ ଗଛ ଲଗାଇଲେ କୁଆଡ଼େ ଗଛ ଭଲହୁଏ। ସେଥିରେ ବି ମୋର ଭାରି ଆନନ୍ଦ। ଚାକିରି ପାଇବାପରେ ଯେବେ ପୁରୀ ଆସିଲି ଭଡ଼ାଘର ଛାତ ଉପରେ ଓ ଘର ଭିତରେ ଗଛ ଲଗାଇବା ଆରମ୍ଭ କଲି। ମୁଁ ଯେବେ ବି ଯାହାଘରକୁ ଯାଏ ତାଙ୍କ ବଗିଚା ଦେଖିଲେ ଭାରି ଖୁସୀଲାଗେ। ଯାହାହେଲେ ବି ମାଗିକି ଡାଳ ହେଉ ବା ଚାରାଟିଏ ଆଣିଥାଏ। ଏବେ ମୁଁ ଘର ଭିତରେ ଡ୍ରାଗନ ପ୍ଲାଣ୍ଟ, ମନିପ୍ଲାଣ୍ଟ, ସ୍ପାଇଡ଼ର ପ୍ଲାଣ୍ଟ, ଫନ୍ ପେଟଲ, ପ୍ରୋଟନ ଆଦି ଅନେକ ପ୍ରକାରର ଗଛ ଲଗାଇଛି। ମୁଁ ରେଳବାଇରେ ଚାକିରି କରେ। ଚାକିରି ଭିତରେ ମୁଁ ଯେଉଁଠିକୁ ଯାଇଛି ସେଠାରେ ବି ଗଛ ଲଗାଇଛି। ଏବେ ବୀରହରେକୃଷ୍ଣପୁର ଲେଭଲକ୍ରସିଂରେ ପ୍ଲାଷ୍ଟିକ ବୋତଲରେ ବିଭିନ୍ନ ପ୍ରକାରର ଗଛ ଲଗାଇଛି ; ଯେଉଥିପାଇଁ ୬୫ତମ ଭାରତୀୟ ରେଳବାଇ ଦିବସ ଅବସରରେ ଲେଭଲ କ୍ରସିଂ ସୌନ୍ଦର୍ଯ୍ୟକରଣ ପାଇଁ ଜୋନାଲ ସ୍ତରୀୟ ଶ୍ରେଷ୍ଠ ସମ୍ମାନ ମିଳିଛି। ଘର ହେଉ କି ଅଫିସ ମୋର ପୂରାଦିନ ଗଛଗୁଡ଼ିକ ସହିତ କଟେ। ଗଛର ଯତ୍ନନେବାକୁ ମୁଁ କେବେ କାମ ବୋଲି ଭାବେନି। ଗଛକୁ ଭଲ ପାଇବା ହିଁ ସବୁଠୁ ଭଲ। ଏବେପର୍ଯ୍ୟନ୍ତ ଯେତେସବୁ ଗଛ ଲଗାଇଛି ସେଥିରେ କେବେ ସାର ଦେଇନି। ଅଥଚ ଲଗାଇଥିବା ଗଛ ଖୁବ ଭଲରେ ବଢିଥାଏ। ମୋ ଘରେ ଯେତେଗଛ ଅଛି ସେସବୁକୁ ମୁଁ ଚିହ୍ନେଁ। ଯେଉଁଠିଥିଲେ ବି ମୁଁ ଜାଣିପାରେ ତା'ର ଅବସ୍ଥା କିପରି ରହିଛି। ମତେଲାଗେ ଗଛ ମୋ କଥା ଶୁଣନ୍ତି ଆଉ ମୋକଥା ବୁଝନ୍ତି। ସାର ନୁହେଁ ଭଲ ପାଇବା ଆଉ ସ୍ପର୍ଶରେ ହିଁ ବଢନ୍ତି। ମୋ ପାଇଁ ଶାନ୍ତିରେ ରହିବା ସୁସ୍ଥରେ ରହିବାର ଶ୍ରେୟ ମୋ ଗଛ।

## ଚାପ କମାଏ, ଚିନ୍ତା ଦୂର କରେ : ଶର୍ମିଷ୍ଠା ସାହୁ

ଏମ୍.ସି.ଏଲ୍. ହିଙ୍ଗୁଳା ଏରିଆ ତାଳଚେରରେ ରୁହନ୍ତି ଶର୍ମିଷ୍ଠା ସାହୁ। ଖୁବ୍ ଛୋଟ ବେଳୁ ତାଙ୍କର ଗଛ ଲଗାଇବାର ରୁଚି ରହିଛି। ଯେତେବେଳେ ଛୋଟ ଥିଲେ ପାଖ ପଡିଶା ଘରୁ ଗଛ ଆଣି ଲଗାଉଥିଲେ। ସେତେବେଳେ ତାଙ୍କୁ ଜଣା ନ ଥିଲା ନର୍ସରିରେ ଗଛ ମିଳେ ବୋଲି। ପାଖରେ ପଇସା ଥିଲେ ଯାଇ କୁଣ୍ଡ କିଣି ଆଣନ୍ତି। ବାହାଘର ପରେ ସ୍ୱାମୀଙ୍କ ଚାକିରି ପାଇଁ ବିଭିନ୍ନ ଜାଗାରେ ରହିଛନ୍ତି। ତେବେ ଯୁଆଡେ ବି ଯାଆନ୍ତି ବହୁତ ଗଛ ଲଗାନ୍ତି। ପ୍ରାୟ ୨୦ ବର୍ଷ ହେବ ସେ ଘର ଭିତରେ ଗଛ ଲଗାଇ ଆସୁଛନ୍ତି। କ୍ୱାର୍ଟର ଘର ଯୋଗୁ ଘର ଛାଡିବାବେଳେ ସବୁ ଗଛ ଆଣି ହୁଏନି। ପୁଣି ନୂଆ ଗଛ ଲାଗେ। ଏହି ଘରେ ପ୍ରାୟ ୧୦ ପ୍ରକାର ମନିପ୍ଲାଣ୍ଟ, ସକୁଲାଣ୍ଟ ପ୍ଲାଣ୍ଟ ଆଦି ଅନେକ ପ୍ରକାର ଇନ୍‌ଡୋର ପ୍ଲାଣ୍ଟ ଅଛି। ଛାତ ଉପରେ ଓ ବାହାରେ ବି ବହୁତ ଗଛ ଅଛି। ଘର ପଛପାଖ ପାଚେରି ପାଖ ଖୁବ୍ ଅସନା ହୋଇ ପଡିଥିଲା। ତାକୁ ସଫା କରି କିଚେନ୍ ଗାର୍ଡେନ ବି କରିଛନ୍ତି। ଗଛ ପାଇଁ ତାଙ୍କୁ ସକାଳ ସନ୍ଧ୍ୟାରେ ମିଶି ୧–୨ ଘଣ୍ଟା ସମୟ ଦିଅନ୍ତି। ଇନ୍‌ଡୋର ପ୍ଲାଣ୍ଟ ପାଇଁ ବେଶି କିଛି କରିବାକୁ ପଡେ ନାହିଁ। କିଛି ଗଛ ପାଣିରେ ରହେ। କିଛି ମାଟିରେ ପୁଣି ସକୁଲାଣ୍ଟ ପ୍ଲାଣ୍ଟରେ ତ ମାସରେ ଥରେ ପାଣି ଦରକାର। ମଝିରେ ମଝିରେ ପତ୍ରକୁ ଧୋଇ ସଫା କରିବାକୁ ହୁଏ। ଶର୍ମିଷ୍ଠା କୁହନ୍ତି, ଗଛ ପାଇଁ ପରିଶ୍ରମ ଯାହା ବି ପଡୁ ବାଧେନି। କାରଣ ଗଛ ତାଙ୍କ ପାଇଁ ଷ୍ଟ୍ରେସ୍ ବୁଷ୍ଟର। ଘରେ ଗଛ ରହିଲେ ଘର ସୁନ୍ଦର ତ ଦେଖାଯାଏ ଅକ୍ସିଜେନ୍ ବି ମିଳେ।

ସତରେ, ଗଛ ହିଁ ଜୀବନ–ଏକଥା ଏବେ ଅନେକେ ଅନୁଭବ କଲେଣି। ଆଉ ଏ ଉପରେ ସତରେ ଯଦି ସମସ୍ତେ ଦୃଷ୍ଟି ଦେବେ, ତା'ହେଲେ ଆମ ପରିବେଶ ବଦଳିବା ସହିତ ଆମେ ବି ସୁସ୍ଥ ଭାବରେ ବଞ୍ଚି ପାରିବା।

**–ରୋଜାଲିନ୍ ମହାନ୍ତି**



କାମଦେବ

# ନ୍ୟୁ ଇୟର୍ ଅଫିସ୍ ପାର୍ଟି ଲୁକ୍





**ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ସଭିଙ୍କ ମନରେ ଭରି ରହିଥାଏ ଉତ୍କଣ୍ଠା। ସେଇଥିପାଇଁ ତ ଏହାର ପୂର୍ବ ରାତିରେ ଘଣ୍ଟାକଣ୍ଟା ଆଗକୁ ଆଗକୁ ଯିବା ସହ ସେଲିବ୍ରେସନ୍ ଜୋର୍ ଧରେ। କିଏ ପରିବାର, ସାଙ୍ଗସାଥୀଙ୍କ ସହ ସେଲିବ୍ରେଟ୍ କରେ ତ ଆଉ କେଉଁଠି ଅଫିସ୍‌ରେ ବି ହୁଏ ପାର୍ଟିର ଆୟୋଜନ। ତେବେ ଅଫିସ୍ ନ୍ୟୁ ଇୟର ପାର୍ଟି ପାଇଁ ନିଜର ଗେଟ୍‌ଅପ୍ ପ୍ରତି ସଜାଗ ରହିବା ନିହାତି ଜରୁରୀ। ଏହିଦିନ ଆପଣ କିଭଳି ଷ୍ଟାଇଲିଶ୍ ସହ ପ୍ରଫେଶନାଲ୍ ଲୁକ୍ ପାଇପାରିବେ ଜାଣନ୍ତୁ...**

---

**ପ୍ୟାଣ୍ଟ ସୁଟ୍ ଲୁକ୍–** ପ୍ୟାଣ୍ଟ ସୁଟ୍ ଷ୍ଟାଇଲିଶ୍ ସହ ପ୍ରଫେଶନାଲ ଲୁକ୍ ଦେଇଥାଏ। ଆଜିକାଲି ବହୁତ ଷ୍ଟାଇଲିଶ୍ ପ୍ୟାଣ୍ଟ ସୁଟ୍ ମିଳୁଛି। ସୋଲ୍ଡରରେ କଟ୍‌ଆଉଟ୍ ହୋଇଥିବା ପ୍ୟାଣ୍ଟସୁଟ୍ ଯଦି ଟ୍ରାଏ କରିବେ ତେବେ ଆହୁରି ଷ୍ଟାଇଲିଶ୍ ଲାଗିବେ। ଏହା ସହ ଆପଣ ହାଇ ପୋନିଟେଲ୍ କରିପାରିବେ। ଆଉ ଷ୍ଟେଟ୍‌ମେଣ୍ଟ ଇୟରିଂ ପିନ୍ଧନ୍ତୁ ଦେଖିବେ ପାର୍ଟିରେ ଖାସ୍ ଲାଗିବେ।

**ହ୍ୱାଇଟ୍ ସୁଟ୍ ଲୁକ୍–** ନ୍ୟୁ ଇୟର ପାର୍ଟିରେ ଆପଣ ଯଦି ଇଣ୍ଡିଆନ୍ ୱେୟର୍ ପିନ୍ଧି ଗ୍ରେସ୍‌ଫୁଲ ଦେଖାଯିବାକୁ ଚାହୁଁଛନ୍ତି ତେବେ ହ୍ୱାଇଟ୍‌ସୁଟ୍ ପିନ୍ଧି ପାରିବେ। ଧଳାରଙ୍ଗର ଅନାରକଲି ସହ କାନରେ ସୁନ୍ଦର ଝୁମ୍‌କା ପିନ୍ଧନ୍ତୁ ଦେଖିବେ ବହୁତ ସୁନ୍ଦର ଓ ଆକର୍ଷକ ଲାଗିବେ। ଏହି ରଙ୍ଗର ଷ୍ଟ୍ରେଟ୍ କୁର୍ତ୍ତି ଓ ଆଙ୍କଲ ଲେନ୍ଥ ପ୍ୟାଣ୍ଟ ବି ଟ୍ରାଏ କରିପାରିବେ।

**ସେକ୍ୱିନ୍ ଶାଢ଼ି–** ପାର୍ଟି କଥା ଉଠୁଛି ମାନେ ସେକ୍ୱିନ ଶାଢ଼ି ଓ ଡ୍ରେସ୍ ସାମିଲ କରାଯିବନି, ଏଭଳି ହୋଇ ନ ପାରେ। ଏହା ଏଲିଗାଣ୍ଟ ଲୁକ୍ ଦେଇଥାଏ। ଏହି ଶାଢ଼ି ସହ ଖୋଲା କେଶ ଓ ସିମ୍ପଲ ମେକ୍‌ଅପ୍ ଭଲ ଲାଗେ।

**ଲଙ୍ଗ୍ ଜ୍ୟାକେଟ୍ ସହ କ୍ରପ୍ ଟପ୍ ପଲାଜୋ–** ଏହି ଗେଟ୍‌ଅପ୍‌ରେ ଆପଣ ଷ୍ଟାଇଲିଶ ଦେଖାଯିବା ସହ କମ୍ଫର୍ଟେବୁଲ ଅନୁଭବ କରିବେ। ଏହାସହ ମ୍ୟାଚିଂ ଇୟର ରିଂ ଓ କେଶ ଖୋଲା ରଖିଲେ ଭଲ ଲାଗେ।

**ଷ୍ଟାଇଲିଶ୍ ଜମ୍ପସୁଟ୍–** ଏହା ଷ୍ଟାଇଲିଶ୍ ଲୁକ୍ ଦେବା ସହ ଥଣ୍ଡାରୁ ରକ୍ଷା କରିବ। ଏହାକୁ ପିନ୍ଧିବା ସହଜ। କମ୍ଫର୍ଟେବୁଲ ବି ଅନୁଭବ କରିବେ।

**ପେନ୍‌ସିଲ ସ୍କର୍ଟ ଓ ଟପ୍ସ–** ଆଣ୍ଠୁଠାରୁ ଅଳ୍ପ ତଳକୁ ରହୁଥିବା ପେନ୍‌ସିଲ ସ୍କର୍ଟ ସହ ଫ୍ୟାଶନେବୁଲ ଟପ୍ ବହୁତ ଷ୍ଟାଇଲିଶ୍ ଲାଗେ। ପାର୍ଟିକୁ ଏହି ଗେଟ୍‌ଅପ୍‌ରେ ଗଲେ ସ୍ମାର୍ଟ ସହ ଷ୍ଟାଇଲିଶ୍ ଲାଗିବେ।

**ଜିନ୍ସ ଓ ଷ୍ଟ୍ରେଟ୍ କୁର୍ତ୍ତି–** ଜିନ୍ସ ସହ ବ୍ରାଇଟ୍ କଲର୍‌ର ଷ୍ଟ୍ରେଟ୍ କୁର୍ତ୍ତି ବି ସ୍ମାର୍ଟ ଲୁକ୍ ଦେଇଥାଏ। ତେଣୁ ଏହାକୁ ଟ୍ରାଏ କରିପାରିବେ।

**ଜିନ୍ସ ଓ ଷ୍ଟାଇଲିସ୍ ଟପ୍ସ–** ଜିନ୍ସ ସହ ଆପଣ କିଛି ଷ୍ଟାଇଲିଶ୍ ଟପ୍ ପିନ୍ଧିପାରିବେ। ଆଜିକାଲି ବିଭିନ୍ନ ଡିଜାଇନ୍‌ର ସୁନ୍ଦର ଓ ଷ୍ଟାଇଲିଶ୍ ଟପ୍ସ ମିଳୁଛି। ଏହାକୁ ଜିନ୍ସ ସହିତ ପେୟାର କରିପାରିବେ।

ନୂଆବର୍ଷ ପାଇଁ ପାର୍ଟି କରନ୍ତୁ। ହେଲେ କୋଭିଡ କଟକଣା ମାନି କଲେ ସମସ୍ତେ ସୁରକ୍ଷିତ ରହିବେ। ତେଣୁ ଏଥିପ୍ରତି ବି ଧ୍ୟାନ ଦେବା ଜରୁରୀ।




କିଆରା

# ବୋଲ୍ଡ ଶଟ୍ ପାଇଁ..

ନିକଟରେ ଏକ ଅଫରକୁ ନେଇ କିଆରା ଆଡୱାନୀ ଦୋଛକିରେ ପଡ଼ିଥିଲେ । ଯେତେବେଳେ ଏହି ନୂଆ ସିନେମାର କାହାଣୀ ଶୁଣିଲେ ସେତେବେଳେ ସେ ଖୁସିରେ ଉଛୁଳି ପଡ଼ିଲେ । ନିଜ ଭୂମିକା ବିଷୟରେ ମଧ୍ୟ ଭଲ ଭାବରେ ଅବଗତ ହେଲେ । ହେଲେ ତା' ଭିତରେ ଟିକେ କେଁ ରହିଯାଇଥିଲା । ଉକ୍ତ ଫିଲ୍ମରେ ତାଙ୍କୁ ୨–୩ଟି ଗରମା ଗରମ ଶଟ୍ ଦେବାକୁ ପଡ଼ିବ । ପୁଣି ବେଡ୍‌ରୁମ୍ ସିନ୍ । ଏ କଥା ଜାଣିବା ପରେ ଅଡୁଆରେ ପଡିଯାଇଛନ୍ତି କିଆରା । ଏ ସମ୍ପର୍କରେ ସେ କହନ୍ତି, ''ଫିଲ୍ମର କାହାଣୀ ହେଉ ଅବା ମୋ ଭୂମିକା, କେହି କାହାକୁ କମ୍ ନୁହେଁ । ହେଲେ ଯେଉଁ ବୋଲ୍ଡ ଶଟ୍ କେତୋଟି ରହିଛି ତାହାକୁ ନେଇ ମୁଁ ଅଡୁଆରେ ପଡ଼ିଯାଇଛି । ଅଫରଟିକୁ ଗ୍ରହଣ କରିବି ନା ମନା କରିବି ଜାଣିପାରୁନାହିଁ । ଏଥିପାଇଁ ପ୍ରଯୋଜକ ମୋତେ ଦୁଇ ସପ୍ତାହ ସମୟ ଦେଇଛନ୍ତି । ଏପରି ଶଟ୍ ପାଇଁ ଶେଷ ନିଷ୍ପତ୍ତି ନେବା ପୂର୍ବରୁ ଭଲ ଭାବରେ ଚିନ୍ତା କରିବି । କାରଣ ମୁଁ ଅଯଥା ବୋଲ୍ଡ ଶଟ୍‌କୁ ପସନ୍ଦ କରି ନ ଥାଏ ।'' ପୁଣି ଶୁଣିବାକୁ ମିଳୁଛି ଯେ ଏପରି ଶଟ୍ ପାଇଁ ତାଙ୍କୁ ମନମୁତାବକ ପାରିଶ୍ରମିକ ମିଳିବ । ତେବେ ଏହି ଅଫର୍‌କୁ କିଆରା ଗ୍ରୀନ୍ ସିଗ୍‌ନାଲ ଦେଖାଉଛନ୍ତି ନା ହାତଛଡ଼ା କରୁଛନ୍ତି ତାହା ଅଳ୍ପ ଦିନ ମଧ୍ୟରେ ଜଣାପଡ଼ିଯିବ । ସୂଚନାଯୋଗ୍ୟ କିଆରା ଏବେ ନିର୍ମାଣାଧୀନ ସିନେମା 'ଜୁଗ୍ ଜୁଗ୍ ଜିଓ'ର ଶୁଟିଂରେ ବ୍ୟସ୍ତ ଅଛନ୍ତି । ଏହି ଫିଲ୍ମରେ ତାଙ୍କ ସହ ନାୟକ ଭୂମିକାରେ ଅଭିନୟ କରୁଛନ୍ତି ବରୁଣ ଧାୱନ ।


କାର୍ତ୍ତିକ

# କାର୍ତ୍ତିକଙ୍କ ନୂଆ ଅବତାର

ପୂର୍ବରୁ ବେଶ୍ କେତୋଟି ସିନେମାର ରୋମାଣ୍ଟିକ ଭୂମିକାରେ ଅଭିନୟ କରିଥିବା କାର୍ତ୍ତିକ ଆର୍ଯ୍ୟନ୍ ଏବେ ନୂଆ ଅବତାରରେ ଦର୍ଶକଙ୍କ ସାମ୍‌ନାକୁ ଆସିବେ । ଆଉ ଏପରି ଭୂମିକା ତାଙ୍କ ଆକ୍ଟିଂ କ୍ୟାରିୟରକୁ ମାଇଲେଜ ଦେବ ବୋଲି କହିବୁଲୁଛନ୍ତି ସେ । ବର୍ତ୍ତମାନ ସେ ନୂଆ ସିନେମା 'ଧମାକା'ରେ ଅଭିନୟ କରୁଛନ୍ତି । ପୁଣି ଏଥିରେ ତାଙ୍କୁ ଆକ୍ସନ ଅବତାରରେ ଦର୍ଶକ ଦେଖିବାକୁ ପାଇବେ । ସେଥିପାଇଁ ସେ ନିଜ ହେୟାର ଷ୍ଟାଇଲ ଚେଞ୍ଜ କରିଛନ୍ତି । ଏପରି ଭୂମିକାକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦିଆଯାଇପାରିବ ସେ ନେଇ ପୂରାଦମ୍‌ରେ ମଧ୍ୟ ଲାଗିପଡ଼ିଛନ୍ତି । ନିଜର ଏପରି ଚ୍ୟାଲେଞ୍ଜିଂ ରୋଲ୍ ବିଷୟରେ କାର୍ତ୍ତିକ କହନ୍ତି, 'ଏହି ଫିଲ୍ମରେ ମୋ ଭୂମିକାଟି ହେଲା ଅର୍ଜୁନ ପାଠକ । ଏହା ଏକ ରିମେକ୍ ଫିଲ୍ମ । ମୂଳ ତେଲୁଗୁ ସିନେମାରେ ଏପରି ରୋଲ୍‌ରେ ଅଭିନୟ କରିଥିଲେ ଆଲ୍ଲୁ ଅର୍ଜୁନ । ଏଭଳି ରୋଲ୍‌ରେ କିପରି ଦର୍ଶକଙ୍କୁ ପ୍ରଭାବିତ କରିପାରିବି ସେ ନେଇ ମୁଁ ଚେଷ୍ଟା ଜାରି ରଖିଛି । ' ଏହି ଫିଲ୍ମ ବ୍ୟତୀତ କାର୍ତ୍ତିକ ସୁପରହିରୋ ଫିଲ୍ମ 'ପାଣ୍ଟୋମ୍'ରେ ଅଭିନୟ କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି ।

# ସମୟାନୁବର୍ତ୍ତୀ ସାରା

ସାରା ଅଲ୍ଲୀ ଖାଁଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା । କେମିତି ବା ଆଲୋଚନା ହେବନି କହୁନାହାନ୍ତି ? କଥା କ'ଣ କି ଏବେ ସୈଫ ତନୟା ଫିଲ୍ମ ଶୁଟିଂରେ ବ୍ୟସ୍ତ । କାରଣ କରୋନା ଅନଲକ୍ ପରେ ବର୍ତ୍ତମାନ ହିନ୍ଦୀ ଫିଲ୍ମଗୁଡ଼ିକର ଶୁଟିଂ ଫୁଲ୍ ସ୍ପିଡ୍‌ରେ ଚାଲିଛି । ଏହି ସମୟରେ ସାରା ନିଜର ନୂଆ ସିନେମା 'ଅତରଙ୍ଗୀ ରେ'ର ଶୁଟିଂ ପାଇଁ ଉତ୍ତର ପ୍ରଦେଶରେ ଡେରା ପକାଇଛନ୍ତି । ନିକଟରେ ସେ ଶୁଟିଂ ସେଟ୍‌ରେ ୟୁନିଟ୍ ପହଞ୍ଚିବା ପୂର୍ବରୁ ସେ ସେଠାରେ ପହଞ୍ଚିଯାଇଥିଲେ । ଏପରି ସମୟାନୁବର୍ତ୍ତିତା ନେଇ ସେ କହନ୍ତି, 'ମୁଁ ସବୁବେଳେ ସମୟକୁ ଗୁରୁତ୍ୱ ଦିଏ । କାରଣ ଜୀବନରେ ସମୟ ହେଉଛି ସବୁଠାରୁ ମୂଲ୍ୟବାନ । ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋତେ ବେଶ୍ ଉତ୍ସାହିତ କରିଛି । ଆଉ ସବୁଠାରୁ ବଡ଼ କଥା ହେଲା ଅକ୍ଷୟ କୁମାରଙ୍କ ପରି ନାମୀ ଅଭିନେତାଙ୍କ ସହ କାମ କରୁଛି । ଏହି ଫିଲ୍ମର ଶୁଟିଂ କିପରି ଶୀଘ୍ର ଶେଷ ହେବ ସେ ନେଇ ମୋ ପଟରୁ ଯେପରି ଗଲ୍‌ତି ନ ରହେ ସେଥିପ୍ରତି ବେଶ୍ ସତର୍କ ରହିଛି ।' ତାଙ୍କର ଏପରି ସମୟାନୁବର୍ତ୍ତିତାକୁ କେବଳ ଏହି ଫିଲ୍ମର ନାୟକ ଅକ୍ଷୟ କୁମାର ନୁହନ୍ତି ୟୁନିଟ୍‌ର ସଦସ୍ୟମାନେ ପ୍ରଶଂସା କରିବାକୁ ଭୁଲୁ ନାହାନ୍ତି । ଅକ୍ଷୟ ଏବଂ ସାରାଙ୍କ ବ୍ୟତୀତ ଏଥିରେ ଧନୁଷ ମଧ୍ୟ ଅଭିନୟ କରୁଛନ୍ତି ।


କରୀନା


ସାରା

# ଅଧାରୁ ଫିଲ୍ମ ଛାଡିଥିଲେ କରୀନା

ବଲିଉଡ୍‌ର ଆଗଧାଡ଼ିର ନାୟିକାଙ୍କ ମଧ୍ୟରେ କରୀନା ଅନ୍ୟତମ । ଯେତେବେଳେ ସେ ବଲିଉଡ୍‌ରେ ପାଦ ଦେଲେ ସେତେବେଳେ ଏକ ରୋମାଞ୍ଚକର ଘଟଣା ଘଟିଥିଲା । ପ୍ରଯୋଜକ–କମ୍–ନିର୍ଦ୍ଦେଶକ ରାକେଶ ରୋଶନ ପୁଅ ହୃତିକଙ୍କୁ ବ୍ରେକ୍ ଦେଉଥାଆନ୍ତି । ଆଉ ସିନେମାଟି ଥିଲା 'କହୋ ନା ପ୍ୟାର୍ ହୈ' । ଏହି ଫିଲ୍ମର ନାୟିକା ଭୂମିକାରେ ପ୍ରଥମେ କିଏ ଅଭିନୟ କରିଥିଲେ ଜାଣନ୍ତି ? କରୀନା କପୁର । ହେଲେ କିଛି ଦିନ ଶୁଟିଂ ପରେ ସେ ଏହି ଫିଲ୍ମରେ ଅଭିନୟ କରିବାକୁ ମନା କରିଦେଇଥିଲେ । ଅବୁଝା କରୀନାଙ୍କୁ ଯେତେ ମନାଇବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ରାଜି ହୋଇ ନ ଥିଲେ । ଏପଟେ ଉକ୍ତ ଫିଲ୍ମର କିଛି ଅଂଶ ଶୁଟିଂ ହୋଇସାରିଥିଲା । ଶେଷରେ ନିରୁପାୟ ହୋଇ ରାକେଶ ନୂଆ ନାୟିକା ଅମୀଷା ପଟେଲଙ୍କୁ କରୀନାଙ୍କ ସ୍ଥାନରେ ସାଇନ୍ କରାଇଥିଲେ । ଫିଲ୍ମଟି ସୁପର ଡୁପର ହିଟ୍ ହେବା ସହ ଗୋଟିଏ ବର୍ଷରେ ୧୨ଟି ପୁରସ୍କାର ହାସଲ କରିଥିଲା ।



## ନୂଆ ବର୍ଷକୁ ଚିଠି

**-ଶୁଭଶ୍ରୀ ମହାରଣା**

ତୁମ ଆଗମନେ
ମନ ଚଞ୍ଚଳ ହୋଇଉଠେ
ବିଗତ ବର୍ଷର ଯେତେକ ଯାତନା
ଫୁଲ ହୋଇ ସବୁ ଫୁଟେ।

ଆସୁଅଛ ତୁମେ ନବ ପୁଲକରେ
କଥା ଦିଅ ବନ୍ଧୁ
ହସାଇବ ଏଇ ଧରା..
ତୁମ ଆଲିଙ୍ଗନେ
ପୋଛି ଦେଉଥିବ
ଅଶ୍ରୁର ବାରିଧାରା।

-ବିଡାନାସୀ, କଟକ
ମୋ:୯୮୬୧୦୭୩୭୩୦

## ସମ୍ଭାଷଣ

**-ଆଲୋକ କୁମାର ପ୍ରଧାନ**

ବଦଳିଛି କ୍ୟାଲେଣ୍ଡର ପୃଷ୍ଠା
ବଦଳିଛି ସ୍ୱପ୍ନର ସୋରିଷ ଫୁଲ
ବଦଳିଛି ଖେଳୁଆଡ ଖୁଆଡର ରଙ୍ଗ
ବଦଳି ଯାଇଛି ଶୋଷ
ଭୋକର ତ ବଢ଼ିଛି ଆୟୁଷ
ପୁରୁଣାରେ ଦିଶେ ନୂଆ ରଙ୍ଗ।
ବଦଳିନି ଯାହା ସବୁ
ହଜିବାର ଥିଲା
ବଦଳିନି ଆଶା ମିଶା
ସ୍ୱପ୍ନର ସମାସ, ତଥାପି
ପୋଷେ ପୋଷେ ଆଶା ନେଇ
ପାଦ ଥାପ ହେ ନୂଆ ବରଷ।।

*-ଅମତାଂଶୁ, ବାଲିଗୁଆଳି, ପୁରୀ*
*ମୋ-୯୧୭୦୦୮୪୨୨୧୫୭*

# ନୂଆବର୍ଷରେ ନୂତନତ୍ୱ

**-ଲକ୍ଷ୍ମୀପ୍ରିୟା ଓଝା**

କୋଭିଡ୍ କଟକଣା ସତ୍ତ୍ୱେ ନୂଆବର୍ଷରେ କଟକ ଜଗତ୍‌ସିଂହପୁର ବସରେ ପ୍ରବଳ ଭିଡ଼। ନାରୀ ନେତ୍ରୀ ଜଣକ ବସରେ ଠିଆ ହେଇ ଖୁବ ବଡ଼ ପାଟିରେ କହୁଥାନ୍ତି ନୂଆବର୍ଷଟାରେ ମଉଜ ମସ୍ତି ନ କରି ଏବେ ଏବେ ଫେରୁଛି ପରୀକୁ ନ୍ୟାୟ ଦେବାପାଇଁ ଆନ୍ଦୋଳନ କରି। ପାଖରେ ଠିଆ ହୋଇଥିବା ଯୁବକଟେ ବାରବାର ଝୁଙ୍କି ପଡୁଥାଏ କେତେବେଳେ ନାରୀନେତ୍ରୀଙ୍କ ଉପରକୁ ତ କେତେବେଳେ ପାଖରେ ଠିଆ ହୋଇଥିବା ଝିଅଟି ଉପରକୁ ବସର ହାଲ୍କା ବ୍ରେକରେ। ଛୁଇଁ ଯାଉଥାଏ ବେକ, ଅଣ୍ଟା, ନିତମ୍ବ। ଅଚାନକ ଝିଅଟି କହି ଉଠିଲା, ‘‘ମାଡାମ, ରୋଜ ରୋଜ ବସରେ ଏମିତି ବଳାତ୍କାରର ଶିକାର ହେଉଥିବା ହଜାର ହଜାର ଝିଅମାନଙ୍କୁ ସସମ୍ମାନେ ଯିବା ଆସିବା ପାଇଁ ଆନ୍ଦୋଳନ କରି ସରକାରଙ୍କୁ କହି ପ୍ରଥମେ ଶସ୍ତାରେ ପର୍ଯ୍ୟାପ୍ତ ସରକାରୀ ବସ ତ ଚଳାନ୍ତୁ। ଅନ୍ତତଃ ନୂଆ ବର୍ଷରେ ଏତିକି ନୂତନତ୍ୱ ତ ଆଣନ୍ତୁ।

*-ବରୋଦା, ଗୁଜରାଟ*
*ମୋ:୭୪୯୦୯୯୬୮୬୫*




## ନବବର୍ଷ

**- କ୍ଷମାନିଧି ଭୋଇ**

ନବବର୍ଷ ଆସେ ଖିଲିଖିଲି ହସେ
ଖଞ୍ଜି ଆଶା ସମ୍ଭାବନା
ନବ ନବ ପଥ କରି ଉନ୍ମୀଳିତ
ଜଗାଇ ନବ ଚେତନା।

- ଗୋଷ୍ଠୀ ଉନ୍ନୟନ
ଅଧିକାରୀ,ବଡ଼ଗାଁ,
ସୁନ୍ଦରଗଡ଼,
ମୋ: ୯୪୩୮୨୯୨୯୩୩

## ତଥାପି

**- କସ୍ତୁରୀ ଚରଣ ରାଉତ**

ହାଡ଼ଭଙ୍ଗା ଶୀତ ନାହିଁ
ତଥାପି ମୁଁ ଆଜି ପତ୍ରଝଡ଼ା
ହେମନ୍ତରେ ଶିଶିର ବି
ଦେଉଅଛି ଏବେ କରଛଡ଼ା
ଶରତ ହଜିଛି ନିଜେ
ବରଷାଟା ଲୁଚକାଳି ଖେଳେ
ବସନ୍ତ ଗୋପନେ ଛୁଏଁ
ନିଦାଘ ତ ହୃଦୟକୁ ଜାଳେ।

*-ମକୁନ୍ଦପୁର, ବାଙ୍କି, କଟକ, ମୋ.୮୯୧୭୩୯୭୩୪୮*

## ସୀମାନ୍ତ

**-ପବିତ୍ର ମୋହନ ଦାଶ**

ନୂଆ ପ୍ରଜାତିର ଫୁଲଟି ମୁକୁଳେ
ଉଦ୍ଭିଦ ବିଜ୍ଞାନର ବାଡ଼ ସେ ପାରେ
ତାକୁ ପରିବାରଭୁକ୍ତ କରନା
ସେ ଅନାମିକ ରହୁ,
ସ୍ୱର ଗ୍ରାମ ବାହାରର ମୂର୍ଚ୍ଛନା
ପହଁରୁଛି ପବନରେ
ଥାଉ ତା'ର ସ୍ୱର ଲିପି ତିଆରି ନ ହେଉ,
କଳ୍ପନାର ନଖ କୋଣରେ
ସମ୍ଭବିଛି ପୁଣି ଏକ ନଈ
ସେଠି କୌଣସି ଭଗୀରଥ
ପହଞ୍ଚି ନ ଯାଉ ,
କ୍ଳାନ୍ତ ପକ୍ଷୀଟି ପାଇଗଲାଣି ପୁଣି ଫର୍ଦ୍ଦେ
ଆକାଶ
ତା' ପଛରେ କ୍ୟାମେରା
ଖଞ୍ଜା ନ ହେଉ।

*-ଇଂଲିଶ ବିଭାଗ, ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ,*
*ବାଲିପୁଟ, ପୁରୀ,ମୋ:୯୪୩୭୨୦୭୫୪୮*

## ଅଭୀପ୍ସା

**-ନଳିନୀକାନ୍ତ ନାୟକ**

ବିଗତ ଦିନର ନିରୋଳା ଫର୍ଦ୍ଦରେ
ଲେଖିଚି ମୋ ନିଜ ଇତିହାସ
ଦୁଃଖମାନଙ୍କ ସହ ଗପସପ କରି
ଏଡାଉଛି ଅତୀତର କଦାକାର ରୂପ।

ହାରିବାର କି ଜିତିବାର ଡରରୁ ବାହାରି
ନିଜ ଆଗେ ଥୋଇଛି ଦର୍ପଣ
ନୂଆ ବର୍ଷର ନୂଆ ଚମକରେ
ପ୍ରତିବିମ୍ବିତ ହେଉ ଅଭିଳାଷ ମୋର।

*-ଆସିଷ୍ଟାଣ୍ଟ ଇଞ୍ଜିନିୟର*
*ପିଏମ୍‌ଜି , ଭୁବନେଶ୍ୱର*
*ଫୋନ - ୮୨୪୯୧୬୨୨୫*



# ଧରିତ୍ରୀ ୨୦୨୧

## ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

## ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | | | | | | |

## ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

## ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

## ମେ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

## ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

## ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

## ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

## ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

## ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

## ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

## ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |



ମଡେଲ: ତନୁଶ୍ରୀ
ଫଟୋ: କୁମାର ଶରତ ଓ ଚନ୍ଦନ, ଧରିତ୍ରୀ
ମେକ୍ଅପ: ମାନସ
ସ୍ଥାନ: ଗୋଲ୍ଡେନ ସି ବିଚ୍

**୨୬.୧- ସାଧାରଣତନ୍ତ୍ର ଦିବସ, ୧୬.୨- ଶ୍ରୀପଞ୍ଚମୀ, ୧୧.୩- ମହାଶିବ ରାତ୍ରୀ, ୨୯.୩- ହୋଲି, ୧୪.୪- ମହାବିଷୁବ ସଂକ୍ରାନ୍ତି, ୧୪.୫- ଇଦ୍-ଉଲ୍-ଫିତର୍, ୧୫.୬- ରଜ ସଂକ୍ରାନ୍ତି, ୧୨.୭- ରଥଯାତ୍ରା, ୧୫.୮- ସ୍ୱାଧୀନତା ଦିବସ, ୧୦.୯- ଗଣେଶ ପୂଜା, ୧୫.୧୦- ଦଶହରା, ୪.୧୧- ଦିପାବଳୀ, ୨୫.୧୨-ଖ୍ରୀଷ୍ଟମାସ**

LIC भारतीय जीवन बीमा निगम LIFE INSURANCE CORPORATION OF INDIA
GUPTA DISTRIBUTORS
Kalamandir Shop with a smile.
Alishan men's exclusive since 1996, 60 Janpath, Bhubaneswar
PANDA TRAVEL MART
RUCHI Your Health. Our Wealth.
PADMINI DRIEMS, Tangi, Cuttack, Odisha
HCG PANDA CANCER HOSPITAL adding life to years
ସ୍ୱେଦରାଜ
RAJ ELECTRONICS ODISHA's No.1 Retail Chain Store
BGU BIRLA GLOBAL UNIVERSITY Bhubaneswar
RVS RADHASWAMI VASTU SADAN
SECOND WIFE KITCHEN
LEOTRONIX SERVO VOLTAGE STABILIZER A Friend for Lifetime
PRIYADARSHINI No.1 Orissa weaver's Organisation, Market Building, Bhubaneswar, VIP Road, Puri
RAJANAND BUILDERS PVT. LTD.
VANIK-IAS Exclusive Coaching for UPSC/OPSC/PSC
ସ୍ନେହବିଗନ
Skyline Estcon Pvt. Ltd.
BHARAT MASALA

ପ୍ରଥମ ରୋଜଗାର

# ପ୍ରଥମ ରୋଜଗାର ଟଙ୍କା ମାମା'ଙ୍କୁ ଦେଇଥିଲି



ଅଭିନେତ୍ରୀ **ନମ୍ରତା ସିଂଦେଓ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ନୟାଗଡ଼ ଜିଲା ରାଜ-ରଣପୁର ରାଜପରିବାରର ମୁଁ ହେଉଛି ଜଣେ ଝିଅ । ବାପା ରବିନ୍ଦ୍ର କୁମାର ସିଂଦେଓ ଓ ମାମା'(ମା') କାଦମ୍ବିନୀ ଦାଶ । ଚାକିରି କ୍ଷେତ୍ରରେ ବାପା, ମାମା'ଙ୍କର ବଦଳି ଯୋଗୁଁ ମୋର ସ୍କୁଲ୍ ପାଠପଢ଼ା ବିଭିନ୍ନ ସ୍ଥାନରେ ହୋଇଥିଲା । ଶେଷରେ ଢେଙ୍କାନାଳ ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ୍ ଏଜୁକେଶନ ସେଣ୍ଟରରୁ ମାଟ୍ରିକ୍ ପାସ୍ କରିବା ପରେ ପଲିଟେକ୍ନିକ୍ କୋର୍ସ କରିଥିଲି । ତା'ପରେ ଉତ୍କଳ ୟୁନିଭର୍ସିଟିରେ ବି.ବି.ଏ. ଓ ପରେ ଏମ୍.ବି.ଏ. କଲି । ଏମ୍.ବି.ଏ. ପଢ଼ିବା ସମୟରେ ହିଁ କଲର୍ସ ଚ୍ୟାନେଲ୍‌ରେ 'ମିଠା ମିଠା ଯୋଡ଼ି' ନାମରେ ଏକ ରିୟାଲିଟି ସୋ'ର ଆରମ୍ଭ ହୋଇଥିଲା । ସାଙ୍ଗମାନେ ବାଧ୍ୟ କରିବାରୁ ଏଥିରେ ଅଡିସନ୍ ଦେଲି ଆଉ ସିଲେକ୍ଟ ବି ହେଇଗଲି । କିନ୍ତୁ ଏକଥା ମାମା' ଜାଣି ନଥିଲେ । କାରଣ ମାମା' ଜଣେ ପ୍ରଧାନ ଶିକ୍ଷୟିତ୍ରୀ । ନାଚ, ଗୀତ ଶିଖିବାକୁ ତାଙ୍କର ମନା ନଥିଲା, କିନ୍ତୁ ଏହାକୁ ନେଇ କ୍ୟାରିୟର୍ କରିବାକୁ ସେ ପସନ୍ଦ କରୁ ନଥିଲେ । ପିଲାଦିନେ ମୋର ଇଚ୍ଛା ଥିବା ଦେଖି ସିଏ ହିଁ ମୋତେ ଓଡ଼ିଶୀ ନୃତ୍ୟ ଶିଖିବାକୁ ଛାଡ଼ିଥିଲେ । ଏପରିକି ସ୍କୁଲ୍ ଫଙ୍କସନ୍‌ରେ ଅଭିନୟ କରିବାଠାରୁ ଆରମ୍ଭ କରି ବିଭିନ୍ନ ଡ୍ୟାନ୍ସ ପ୍ରୋଗ୍ରାମ୍ ଯେମିତିକି ବୁମ୍ ସାକା ଲାକା ବୁମ୍, ୱାନ୍ ଟୁ ଚା ଚାରେ ଭାଗ ନେବାକୁ ମଧ୍ୟ ମୋତେ ଖୁବ୍ ପ୍ରେରଣା ଦେଇଥିଲେ । କିନ୍ତୁ ଏହାକୁ ନେଇ କ୍ୟାରିୟର୍ କରିବାକୁ ସେ ମୋତେ କେବେ ବି କହି ନଥିଲେ । ସେ ଚାହୁଁଥିଲେ ମୁଁ ପାଠପଢ଼ି ଭଲ ଚାକିରିଟିଏ କରେ । ତାଙ୍କ ଖୁସି ପାଇଁ ମୁଁ ଭଲ ପଢ଼ୁଥିଲି ସିନା କିନ୍ତୁ ଅଭିନୟର ମୋହରୁ ନିଜକୁ ମୁକୁଳାଇ ପାରୁ ନଥିଲି । ହୁଏତ ଭଗବାନ ବି ସେୟା ଚାହୁଁଥିଲେ, ସେଥିପାଇଁ ଏମିତି ଏକ ଅଡିସନ୍‌ରେ ଭାଗ ନେବାର ସୁଯୋଗ ମୋତେ ମିଳିଲା । ମା' ଜାଣିଲେ କାଳେ ମନା କରିଦେବେ, ସେଥିପାଇଁ ତାଙ୍କୁ ନ ଜଣାଇ ନିଜେ ନିଜର ଦକ୍ଷତା ସମ୍ପର୍କରେ ଜାଣିବାକୁ ଇଚ୍ଛା କରି ଲୁଚି କି ଯାଇ ଏହି ଅଡିସନ୍‌ଟି ଦେଇଥିଲି । ଏଥିରେ ସିଲେକ୍ଟ ହେବା ପରେ ମୋର ନିଜ ଉପରେ ବିଶ୍ୱାସ ଆସି ଯାଇଥିଲା । ତା'ପରେ ମା'ଙ୍କୁ ଯାଇ କହିଲି । ପ୍ରଥମେ ମା' ଖୁବ୍ ଅମଙ୍ଗ ହେଉଥିଲେ ପରେ ମୋ ଭିତରେ ଥିବା ଆତ୍ମବିଶ୍ୱାସକୁ ଦେଖି ସେ ମୋତେ ସପୋର୍ଟ ବି କଲେ । ତେବେ ଏହି ରିୟାଲିଟି ସୋ'ରୁ ହିଁ ମୋତେ ପ୍ରଥମେ ଏକ ଧାରାବାହିକର ଅଫର୍ ଆସିଥିଲା । ଏହି ଅଫର୍‌କୁ ଗ୍ରହଣ କରିବାର ମାତ୍ର ୭/୮ ଦିନ ପରେ ଗୋଟିଏ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରିବାକୁ ମୋତେ ସୁଯୋଗ ମିଳିଲା, ଯେଉଁଥିରେ ଓଡ଼ିଶାର ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କ ଅପୋଜିଟ୍‌ରେ ମୋତେ ସାଇନ୍ କରାଯାଇଥିଲା । ସିଦ୍ଧାନ୍ତ ସାର୍‌ଙ୍କର ମୁଁ ଜଣେ ବହୁତ ବଡ଼ ପ୍ରଶଂସକ, ତେଣୁ ତାଙ୍କ ଅପୋଜିଟ୍‌ରେ କାମ କରିବାର ସୁଯୋଗ ମିଳିବାରୁ ମୁଁ ଖୁସିରେ ଧାରାବାହିକର ଅଫର୍‌କୁ ଛାଡ଼ି ସେହି ଚଳଚ୍ଚିତ୍ରରେ ଅଭିନୟ କରିବାକୁ ଲାଗିଲି । ହେଲେ ଦୁର୍ଭାଗ୍ୟ ମାତ୍ର କିଛିଦିନ ପରେ କୌଣସି କାରଣ ଯୋଗୁଁ ସେହି ଚଳଚ୍ଚିତ୍ରଟିର ସୁଟିଂ ବନ୍ଦ ହୋଇଗଲା । ସେତେବେଳେ ମୋତେ ଭାରୀ କଷ୍ଟ ଲାଗିଥିଲା, ନା ଚଳଚ୍ଚିତ୍ର ମୋ ହାତରେ ରହିଲା ନା ଭଲ ବ୍ୟାନର୍‌ର ଧାରାବାହିକରେ ଅଭିନୟ କରିପାରିଲି । ତଥାପି ଧୈର୍ଯ୍ୟହରା ହୋଇ ନ ଥିଲି । ଏହାପରେ ମୋତେ କେତେକ ଧାରାବାହିକର ଅଫର୍ ବି ଆସିଥିଲା, କିନ୍ତୁ ତାକୁ ଗ୍ରହଣ କରିବାକୁ ମୋ ମନ ବୁଝୁ ନ ଥିଲା । କାରଣ ଥରେ ହିରୋଇନ୍ ହେବାର ନିଶା ଯେହେତୁ ମୁଣ୍ଡରେ ପଶିଯାଇଥିଲା, ତେଣୁ ସେଥିରୁ ସହଜରେ ମୁକୁଳି ପାରୁ ନ ଥିଲି । ଏମିତି ୩/୪ ମାସ ଗଲାପରେ ମୋତେ 'ଆଖି ଖୋଲିଲେ ତୁହି ତୁ' ଚଳଚ୍ଚିତ୍ରର ଅଫର୍ ମିଳିଲା । ଏଥିରେ ଅଭିନେତା ଦୀପକ ମୋ ଅପୋଜିଟ୍‌ରେ ଥିଲେ । ଏହି ଚଳଚ୍ଚିତ୍ରଟି ରିଲିଜ୍ ହେବା ପରେ ମୋତେ ଦର୍ଶକଙ୍କର ବହୁତ ପ୍ରଶଂସା ମିଳିଥିଲା ଆଉ ଏହିଥିରୁ ହିଁ ମୋର ପ୍ରଥମ ରୋଜଗାର ହୋଇଥିଲା । ଫିଲ୍ମଟିକୁ ସାଇନ୍ କଲାବେଳେ ଯେଉଁ ଟଙ୍କା ଆଡଭାନ୍ସରେ ମିଳିଥିଲା, ସେଥିରୁ ପାଞ୍ଚଶହ ଟଙ୍କା ନେଇ ଟଙ୍କପାଣି ସାଇ ମନ୍ଦିରରେ ଭୋଗ କରିଥିଲି । ଆଉ ଯାହା ବଳିଥିଲା ସେଥିରେ ସ୍ଥାନୀୟ ଏକ ଅନାଥାଶ୍ରମର ଅନ୍ତେବାସୀଙ୍କୁ ମିଠା, ଚକୋଲେଟ୍, ଗିଫ୍ଟ ଆଦି ବାଣ୍ଟିଥିଲି । ସେହିପରି ଫିଲ୍ମଟି ରିଲିଜ୍ ହେବା ପରେ ବାକି ଯେଉଁ ଟଙ୍କା ମିଳିଲା, ତାକୁ ମୁଁ ମାମା'ଙ୍କୁ ନେଇ ଦେଇଥିଲି । ସବୁବେଳେ ତାଙ୍କଠାରୁ ଟଙ୍କା ଆଣି ଖର୍ଚ୍ଚ କରୁଥିଲି ହେଲେ ମୁଁ ଯେବେ ତାଙ୍କୁ ନେଇ ମୋ ରୋଜଗାର ଟଙ୍କାଦେଲି ତାଙ୍କ ଆଖିରେ ଖୁସିରେ ଲୁହ ଆସି ଯାଇଥିଲା । ସେ ମୋତେ ବହୁତ ଆଶୀର୍ବାଦ କରିଥିଲେ, ଆଉ ତାଙ୍କରି ସେହି ଆଶୀର୍ବାଦ ଯୋଗୁ ମୋ ଅଭିନିତ ଆଉ ଦୁଇଟି ଚଳଚ୍ଚିତ୍ର 'ତୋ ପାଇଁ ଆସିବି ବସୁଧା ଚିରି', 'ମନେ ମନେ ମନ ଖୋଜୁଥିଲା' ଖୁବ୍ ଶୀଘ୍ର ରିଲିଜ୍ ହେବାକୁ ଯାଉଛି । ଏଥିସହିତ ମୋ ହାତରେ ଆହୁରି କେତୋଟି ନୂଆ ଚଳଚ୍ଚିତ୍ରର ଅଫର୍ ବି ରହିଛି । ଚଳଚ୍ଚିତ୍ରରେ ଅଭିନୟ ବ୍ୟତିତ ମୁଁ ଅନେକ ବିଜ୍ଞାପନରେ ବି ଅଭିନୟ କରିଛି ।

*-ଅନ୍ୱିତା*

# ପ୍ରେମର ଗଣିତ ଭାରି ଜଟିଳ, ଭାବି ଭାବି ଗଡ଼ି ଯାଉଛି ବେଳ

## ସାଥୀ



**ପ୍ରଶ୍ନ**-ପ୍ରେମକୁ ସହଜରେ ବୁଝି ହୁଏନା କାହିଁକି? ଏହାର ଅସଲ ଫର୍ମୁଲା କିପରି ଆପ୍ଲାଏ କରିବି ?

*-ସୁଦୀପ ସାହୁ, ବ୍ରହ୍ମପୁର*

**ଉତ୍ତର:** ପ୍ରେମ କରିବା ପୂର୍ବରୁ ପ୍ରଥମେ ମନକୁ ଥଣ୍ଡା ଥଣ୍ଡା କୁଲ୍ କୁଲ୍ ରଖନ୍ତୁ । ତରବରିଆ ପ୍ରେମରେ କ୍ଷଣିକ ମଜା ମିଳିଥାଏ, ହେଲେ ତାହା ଦୀର୍ଘସ୍ଥାୟୀ ନୁହେଁ । କାରଣ 'ପ୍ରେମର ଗଣିତ ଭାରି ଜଟିଳ, ଭାବି ଭାବି ଗଡ଼ି ଯାଉଛି ବେଳ ।' ତେଣୁ ପ୍ରେମକୁ ନେଇ ଅଧିକ ନ ଭାବି ବାସ୍ତବତାକୁ ଆସନ୍ତୁ । ଯାହାକୁ ମନର କଥା କହିବାକୁ ମାଇଣ୍ଡ ମେକ୍‌ଅପ କରିଛନ୍ତି ତାହାର ମନର ପରିଭାଷାକୁ ଭଲ ଭାବରେ ବୁଝନ୍ତୁ । ତା'ପରେ ଆଗେଇଲେ ସୁଫଳ ମିଳିଥାଏ । ତେଣୁ ପ୍ରେମ କରିବି ବୋଲି ଉତାୱଳା ନ ହୋଇ ଏହି ରାସ୍ତାରେ ପ୍ରଥମେ ଧୀରେ ଧୀରେ ପାଦ ପକାନ୍ତୁ । ଯେତେବେଳେ ହୃଦୟଙ୍ଗମ ହେବ ଯେ ମୋ ପ୍ରେମର ଫାଉଣ୍ଡେସନ ଫୁଲ୍ ଷ୍ଟ୍ରଙ୍ଗ, ସେତେବେଳେ ଏହାର ବେଗ ବଢ଼ାଇପାରନ୍ତି ।

**ପ୍ରଶ୍ନ**-ଥରେ ଜଣେ ସୁନ୍ଦରୀ ମୋତେ ଦେଖିଦେଇ ହସିଦେଲା । ମୁଁ ମଧ୍ୟ ହସିଦେଲି । କଥା ଭିତରେ ସେ ମୋତେ 'ଆଇ ଲଭ୍ ୟୁ' କହିଲା । ମୁଁ ତା' ପ୍ରପୋଜାଲକୁ ଗ୍ରହଣ କଲି । ହେଲେ ଏବେ ତା'ସହ ମୋର ଆଉ ଭେଟ ହେଉନି । କ'ଣ କରିବି ?

*-ଅଜିତ କୁମାର, ଗଞ୍ଜାମ*

**ଉତ୍ତର:** ଯାହାହେଉ ସୁନ୍ଦରୀ ସହ ପ୍ରଥମ ଦେଖାରେ ହିଁ ବହି ଫିଟ୍ କରିଦେଇଛନ୍ତି । ହେଲେ ସେତିକିବେଳେ ଆଉଟିକେ ମଗଜ ଖଟାଇବାର ଥିଲା । ସେହି ମନର ମାନସୀର ଠିକଣା ବୁଝି ନେଇଥିଲେ ଏବେ ଆପଣ 'ସେ ଆଉ ଦେଖା ହେଉ ନାହିଁ' କହି ବାଉଳି ହେଉ ନ ଥାନ୍ତେ । ଯଦି ତାକୁ ଦେଖା କରିବାକୁ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ରାଜି ତେବେ ମନକୁ ବୁଝାଇ ଦିଅନ୍ତୁ ଯେ, ମୋ ପାଇଁ ସେହି ଶୁଭ ଦିନ ନିଶ୍ଚୟ ଆସିବ । ହେଲେ ସେ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରିବାର ଅଛି । ବାସ୍, ଯଦି ନିଜ ପ୍ରେମକୁ ସଫଳ କରିବାକୁ ଚାହୁଁଛନ୍ତି ତେବେ ଅପେକ୍ଷା କରନ୍ତୁ । ନ ହେଲେ ସେହି ପ୍ରେମକୁ ଭୁଲି ପୁଣି କେଉଁଠି ହୁକ ପକାଇବାକୁ ଚେଷ୍ଟା କରନ୍ତୁ ।

**ପ୍ରଶ୍ନ**-ମୋ ପ୍ରେମିକା ମୋତେ ଧୋକା ଦେଇ ଆଉ ଜଣକ ସହ ଘର ସଂସାର କରିସାରିଲାଣି । ହେଲେ ମୁଁ ତାକୁ ଭୁଲି ପାରୁନି । ତାକୁ କେମିତି ଭୁଲିବି ମୋତେ ଉପାୟ ବତାଇବେ କି ସାଥୀ ?

*-ଡି.କେ. ବରଗଡ଼*

**ଉତ୍ତର:** ଯେଉଁ ପ୍ରେମର ଆଉ ଟିକେ ହେଲେ ବାସ୍ନା ନାହିଁ ତାକୁ ସବୁବେଳେ ବସି ଭାବିଲେ କେବଳ ତାହା ଅଜାଗା ଘା'କୁ ଉଖୁରାଇଲା ପରି ହେବ । ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲେ ସେ ଧୋକା ଦେଇ ଚାଲିଗଲାଣି । ତା'ସହ ଆପଣଙ୍କୁ ଭୁଲି ସେ ଆଉ କାହା ସହ ଘର ସଂସାର କରିସାରିଲାଣି । ଏପରି ପ୍ରେମିକାକୁ ଯେତେ ଶୀଘ୍ର ମନରୁ ସମ୍ପୂର୍ଣ୍ଣ ଭାବରେ ଦୂରେଇ ଦେବେ ତାହା ଭଲ ହେବ । ଯେତେ ଅଧିକ ସେ ବିଷୟରେ ଭାବିବେ ତାହା ଆପଣଙ୍କୁ ସେତେ ଆଘାତ ଦେଇଚାଲିଥିବ । ତେଣୁ ଏବେ ସେ କାହିଁକି ଧୋକା ଦେଲା, ତଥାପି ମୁଁ ତାକୁ ଭୁଲି ପାରୁନି-ଏମିତି ଭାବିଲେ, ସେ କ'ଣ ପୁଣି ଥରେ ଫେରି ଆସିବ, ଆଉ ଆପଣ ତାକୁ ନେଇ ସୁଖର ସଂସାର କରିବେ । ତେଣୁ ମନକୁ ଆଉ ସେପରି ପ୍ରେମ ଆଡ଼କୁ ନିଅନ୍ତୁ ନାହିଁ । ଯଦି ସମ୍ଭବ ହେଉଛି ଆଉ ଥରେ ମନଲାଖୀ ଏପରି ପ୍ରେମିକାଟିଏ ଖୋଜନ୍ତୁ ଯିଏ ଆପଣଙ୍କର ସାତ ଜନମର ସାଥୀ ହୋଇ ରହିଥିବ ।

# ପଟଚିତ୍ରରେ ପଟୀୟସୀ







ପଟଚିତ୍ର, ଟସର ଏବଂ ତାଳପତ୍ର ଖୋଦେଇ ଚିତ୍ର ତଥା ଫ୍ରେସ୍କୋ ଚିତ୍ରକଳା କ୍ଷେତ୍ରରେ ନିଜର ଦକ୍ଷତା ଓ ଚମକ ଦେଖେଇ ପାରିଥିବା ଜଣେ ଚିତ୍ରଶିଳ୍ପୀ ହେଲେ ବବିତା ସାହୁ। ତାଙ୍କର ଚିତ୍ରଗୁଡିକୁ ଦେଖିଲେ ଦେଖଣାହାରୀ ତଟସ୍ଥ ହେବାକୁ ବାଧ ହୁଏ। ସମନ୍ୱୟ ଏବଂ ସନ୍ତୁଳନ ତାଙ୍କ ଚିତ୍ରଗୁଡିକର ମୌଳିକ ଗୁଣ। ବିଭିନ୍ନ ସାମ୍ପ୍ରତିକ ଭାବବସ୍ତୁକୁ ନେଇ ସେ ପୁଣି ଦେଇପାରନ୍ତି ପରମ୍ପରା ସୂତ୍ରରେ ଆଧୁନିକତାର ସନ୍ଧାନ।


ଏପରି ଜଣେ ଅନୁପମ ଚିତ୍ରଶିଳ୍ପୀ ହେଉଛନ୍ତି ବବିତା ସାହୁ। ଜନ୍ମ ତାଙ୍କର ଫେବୃଆରୀ ୪ ତାରିଖ ୧୯୭୬ ମସିହା ଦାଣ୍ଡସାହି ଗ୍ରାମରେ। ବବିତା ପଟଚିତ୍ର, ଟସର, ତାଳପତ୍ର, ଫ୍ରେସ୍କୋ ଚିତ୍ରକଳା କାର୍ଯ୍ୟ ପାଇଁ ବିଶେଷ ଭାବରେ ତାଲିମପ୍ରାପ୍ତ। ନିଜର କଳା ଜିଜ୍ଞାସାକୁ ଚରିତାର୍ଥ କରିବା ପାଇଁ ସେ ସ୍ୱର୍ଗତ ଡକ୍ଟର ଜଗନ୍ନାଥ ମହାପାତ୍ର, ଚନ୍ଦ୍ରଶେଖର ଦାଶ, ନୃସିଂହ ମହାରଣା ପ୍ରମୁଖଙ୍କଠାରୁ ବିଭିନ୍ନ ବିଭାବରେ ତାଲିମ ଗ୍ରହଣ କରିଛନ୍ତି। ପୁଣି ଭାରତ ସରକାରଙ୍କର ବୟନ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଖ୍ୟାତ କଳା କାରିଗର ରାମଚନ୍ଦ୍ର ମହାରଣାଙ୍କଠାରୁ ତାଲିମପ୍ରାପ୍ତ ହୋଇଛନ୍ତି। ନିଜର କଳାକୃତିଗୁଡିକୁ ନେଇ ସେ ବହୁ ବିଖ୍ୟାତ ଚିତ୍ର ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଉଚ୍ଚ ପ୍ରଶଂସିତ ହୋଇଅଛନ୍ତି। ତାଙ୍କର ଚିତ୍ରଗୁଡିକ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟେଟ ୟୁଥ କଲଚରାଲ ଫେଷ୍ଟିଭାଲ ୧୯୯୬ ଓ ୧୯୯୭, ୧୯୯୯, ୨୦୦୦, ଅଲ ଓଡ଼ିଶା ଆର୍ଟ ପ୍ରଦର୍ଶନୀ ୧୯୯୭, ଦିଲ୍ଲୀଠାରେ ଆୟୋଜିତ କଳା ମେଳା, ୧୯୯୭, କୋଣାର୍କ ଉତ୍ସବ ୨୦୨୦ରେ ପ୍ରଦର୍ଶିତ ହୋଇ ଦର୍ଶକ ତଥା କଳା ସମାଲୋଚକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଇନ୍‌ଟାକ୍ ପ୍ରକଳ୍ପ ମାଧ୍ୟମରେ ଐତିହ୍ୟ ଗ୍ରାମ ରଘୁରାଜପୁରର ଏକ ମନ୍ଦିର ଗାତ୍ରରେ ତାଙ୍କର ଫ୍ରେସ୍କୋ ଚିତ୍ରକଳା ଅଙ୍କିତ ହୋଇଛି। ନିଜ କଳା ସାଧନାର ଚଲାପଥରେ ସେ ଅନେକ କର୍ମଶାଳାରେ ଯୋଗଦେଇ ନିଜ ସର୍ଜନା ଜିଜ୍ଞାସା ଓ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ସେ ଅଂଶ ଗ୍ରହଣ କରିଥିବା କର୍ମଶାଳାଗୁଡିକ ହେଲା ଓଡ଼ିଶା ଲଳିତ କଳା ଏକାଡେମୀ ଓ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, କଲିକତାର ମିଳିତ ଆନୁକୂଲ୍ୟରେ ରାଷ୍ଟ୍ରୀୟ କଳାକେନ୍ଦ୍ରରେ ୧୯୯୯ ମସିହାରେ ଆୟୋଜିତ କର୍ମଶାଳା, ୨୦୦୧ ମସିହାରେ ରାଷ୍ଟ୍ରୀୟ ଲଳିତ କଳା କେନ୍ଦ୍ରଠାରେ ଆୟୋଜିତ ଲୋକ ପରମ୍ପରା ଏବଂ ସାମ୍ପ୍ରତିକ ଚିତ୍ରକଳା ଶିବିର, ପୂର୍ବାଞ୍ଚଳ କଳାକେନ୍ଦ୍ର ଓ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ୨୦୦୧ରେ ଆୟୋଜିତ ବିଦ୍ୟାଳୟ ପାଠ୍ୟକ୍ରମରେ ଓଡ଼ିଶାର ପାରମ୍ପରିକ କଳାର ପ୍ରଦର୍ଶନୀ ଶିବିର, ତାଳପତ୍ର ଅଙ୍କନ ଏବଂ ପଟଚିତ୍ର ପ୍ରସ୍ତୁତି ସମ୍ବନ୍ଧରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ତାଲିମ ପ୍ରଦାନ କାର୍ଯ୍ୟକ୍ରମ, ପୂର୍ବାଞ୍ଚଳ ଆଞ୍ଚଳିକ ସାଂସ୍କୃତିକ କେନ୍ଦ୍ର, କୋଲକାତା ଦ୍ୱାରା ୨୦୦୫ରେ ଆୟୋଜିତ ପଟଚିତ୍ର ଶିବିର ଇତ୍ୟାଦି।


ବଡ଼ଭଉଣୀ ମମତାରାଣୀ ସାହୁ ତାଳପତ୍ର ଖୋଦେଇ ଚିତ୍ର ଶିଖୁଥିଲାବେଳେ ସାନ ଭଉଣୀ ବବିତା ପାଖରେ ଯାଇ ବସୁଥିଲେ। ଗୁରୁ ଚନ୍ଦ୍ରଶେଖର ଦାସ ଦେଖିଲେ ଶିଖିବା ପିଲାଠାରୁ ବସିବା ପିଲାଟି ଭଲ ଆଙ୍କି ପାରୁଛି। ଉତ୍ସାହ ଦେବାରେ କାର୍ପଣ୍ୟ କରି ନ ଥିଲେ ସେ। ଉତ୍ସାହିତ ହୋଇ ଆଙ୍କି ଚାଲିଲେ ବବିତା ଏବଂ ଆଗ୍ରହରେ ଶିଖଲେ ପଟଚିତ୍ର। ଏକଦା ଘରକୁ କିଣା ହୋଇ ଆସିଥିବା ସଉଦା ଠୁଙ୍ଗାରୁ ବବିତା ଆବିଷ୍କାର କରିଥିଲେ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମତିଥି ଉପଲକ୍ଷେ ଲଳିତ କଳା ଏକାଡେମୀ ଆୟୋଜିତ କରିବାକୁ ଥିବା ରାଜ୍ୟସ୍ତରୀୟ ଚିତ୍ର ପ୍ରତିଯୋଗିତାର ବିଜ୍ଞପ୍ତିକୁ। ଆଗ୍ରହୀ ବବିତା ପିତା ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଠାରୁ ପ୍ରେରଣା ନେଇ ସାମିଲ ହୋଇଥିଲେ ପ୍ରତିଯୋଗିତାରେ। ପାରମ୍ପରିକ ପଟଚିତ୍ରରେ ଆଧୁନିକତାର ସ୍ପର୍ଶ ଦେଇ ବବିତା ପ୍ରସ୍ତୁତ କରିଥିବା ଚିତ୍ରଟିକୁ ହିଁ ସଫଳତା ମିଳିଥିଲା। ଆଜି ହୁଏତ ବିଶ୍ୱାସ ହେବନାହିଁ ଯେ ବବିତାଙ୍କ ପାଇଁ ପଟଚିତ୍ର ଅଙ୍କନ ଥିଲା ଏକ ବୈପ୍ଲବିକ କାର୍ଯ୍ୟ। ରକ୍ଷଣଶୀଳ ବିଚାରରେ ପଟଚିତ୍ର ପୁରୁଷମାନଙ୍କ କାର୍ଯ୍ୟ। ଏଥିରେ ନାରୀମାନେ କେବଳ ରଙ୍ଗ ପ୍ରସ୍ତୁତିରେ ସହଯୋଗ କରିପାରୁଥିଲେ। ହେଲେ ବବିତା ପୁରସ୍କୃତ ଏବଂ ବିଖ୍ୟାତ ହୋଇ ପଟଚିତ୍ରକୁ ଆଧାର କରି ସ୍ୱାବଲମ୍ବୀ ହେବା ପାଇଁ ମହିଳା ଶିଳ୍ପୀଙ୍କ ଲାଗି ଉଦାହରଣ ଓ ପ୍ରେରଣା ସାଜିଥିଲେ। ପୂର୍ବାପେକ୍ଷା ଆଜିକାର ଶିଳ୍ପୀମାନେ ଯଥେଷ୍ଟ ସୁନ୍ଦର ଆଙ୍କୁଛନ୍ତି ବୋଲି ବବିତା ହସି ହସି କୁହନ୍ତି।


ନିଜର ଅବିଶ୍ରାନ୍ତ ସାଧନା ଓ କଳାକର୍ମ ପାଇଁ ମଧ୍ୟ ବବିତାଙ୍କୁ ମିଳିଛି ଅନେକ ଗୁରୁତ୍ୱପୂର୍ଣ୍ଣ ସମ୍ମାନ, ସ୍ୱୀକୃତି ଓ ପୁରସ୍କାର। ୧୯୯୬- ୯୭ ମସିହାରେ ସେ ଲାଭ କରିଛନ୍ତି ମାଷ୍ଟର କ୍ରାଫ୍ଟ ବ୍ୟକ୍ତି ହିସାବରେ ଜାତୀୟ ମେରିଟ୍ ସାର୍ଟିଫିକେଟ। ରାଜ୍ୟସ୍ତରୀୟ ଡିଜାଇନ କଳା ପୁରସ୍କାର, ସେ ପୁଣି ୧୯୯୯ ମସିହା ପାଇଁ ପ୍ରଥମ ମହିଳା ହିସାବରେ ଲାଭ କରିଛନ୍ତି ଓଡ଼ିଶା ଲଳିତ କଳା ଏକାଡେମୀ ପୁରସ୍କାର। ଜଣେ ଚିତ୍ରଶିଳ୍ପୀ ହିସାବରେ ଏହା ତାଙ୍କର ମାନ ଆହୁରି ଉଚ୍ଚ କରିଛି। ଏଥିସହିତ ବି ସେ ଲାଭ କରିଛନ୍ତି ୧୯୯୯ ମସିହା ପାଇଁ ରାଜ୍ୟସ୍ତରୀୟ ହସ୍ତକଳା ପୁରସ୍କାର।

ପରିବାରର ସହଯୋଗ ତାଙ୍କ ଚିତ୍ରକର ଜୀବନ ପାଇଁ କେମିତି ପଚାରିଲେ ବବିତା କୁହନ୍ତି, ସ୍ୱାମୀ ଅଭିଜ୍ଞାନଙ୍କ ସମର୍ଥନ ଓ ଆସ୍ଥା ତାଙ୍କୁ ଯେତିକି ପ୍ରେରଣା ଦିଏ ସେତିକି ଉତ୍ସାହିତ କରେ ଶ୍ୱଶୁର ଶୈଳଜ ରବିଙ୍କର ଗତାନୁଗତିକ ଧାରାକୁ ଭାଙ୍ଗି ନୂଆ ବାଗରେ ଚିତ୍ର କରିବା ପ୍ରତି ସାହସ ପ୍ରଦାନ। ଆଗକୁ ସ୍ୱପ୍ନ କ'ଣ ଅଛି ପ୍ରଶ୍ନର ଉତ୍ତରରେ ସେ କୁହନ୍ତି, ଓଡ଼ିଶାର ପ୍ରାଚୀନ ଭାବ ସହ ସମସାମୟିକ ବିଷୟବସ୍ତୁକୁ ଯୋଡି ପଟଚିତ୍ରକୁ ପ୍ରସ୍ତୁତ କରିବା, ଯାହା ଯେକୌଣସି ବର୍ଗର ଲୋକଙ୍କୁ ଦେଖିଲାବେଳେ ଆଲୋଡିତ କରିପାରୁଥିବ।

**–ମାନମୟୀ ରଥ**











ଜ୍ୟୋତିର୍ମୟୀ

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ଫ୍ରି

ସୁନ୍ଦରୀ ସେକ୍ରେଟାରୀ ବସ୍‌ଙ୍କ ଚାମ୍ବରରୁ ଗରଗର ହୋଇ ବାହାରିବା ବେଳେ ଜଣେ କଲିଗ୍- ବସ୍ କ'ଣ କହିଲେ ଯେ, ଏମିତି ରାଗିକି ଗରଗର ହଉଛ?

ସେକ୍ରେଟାରୀ- ବସ୍ ମୋ ପାଖକୁ ଆସି ପଚାରିଲେ ତମେ ସନ୍ଧ୍ୟାବେଳେ ଫ୍ରି ଅଛ?

କଲିଗ- ୱାଓ!

ସେକ୍ରେଟାରୀ- ୱାଓ କ'ଣ ମାଁ। ମୁଁ ହଁ କହିବାରୁ ସେ ମତେ ୬୦ ପୃଷ୍ଠା ଧରେଇଦେଲେ ଟାଇପ୍ କରିବାକୁ।

## କେମିତି ଲାଗୁଛି

ଜଣେ ଯୁବକଙ୍କ ଦେହ ଖରାପ ଥିବାରୁ ଡାକ୍ତରଖାନା ଯାଇଥାଆନ୍ତି।

ନର୍ସ- ଦୀର୍ଘ ଶ୍ୱାସ ନିଅ।

ଯୁବକ- ହଉ।

ନର୍ସ- କେମିତି ଅନୁଭବ ହେଉଛି?

ଯୁବକ- କୋଉ ପରଫ୍ୟୁମ ଲଗେଇଛନ୍ତି ବଢ଼ିଆ ବାସ୍ନା ହେଉଛି।

## ନୂଆ ଡ୍ରେସ୍

ଦୋକାନୀ- ମ୍ୟାଡାମ୍ କ'ଣ ଦେଖେଇବି?

ମହିଳା- ଡ୍ରେସ୍।


ଦୋକାନୀ- କେମିତିଆ?


ମହିଳା- ଏମିତିଆ ଦେଖାଅ, ଯାହାକୁ ଦେଖି ମୋ ପଡିଶାଘର ମୀନା ଜଳିଯିବ।



# ନୂଆ ବର୍ଷରେ ଭ୍ରମଣ

ନୂଆ ବର୍ଷର ଖୁସିକୁ ଦ୍ୱିଗୁଣିତ କରିବା ପାଇଁ ଅନେକେ ଏହି ସମୟରେ ପାର୍ଟି, ଫଙ୍କସନ୍, ପିକ୍‌ନିକ୍ ଇତ୍ୟାଦିର ପ୍ଲାନିଂ କରିଥାନ୍ତି। କିନ୍ତୁ ଏହି ପ୍ଲାନିଂ କରିବା ପୂର୍ବରୁ ଜାଣି ରଖିବା ଦରକାର ଯେ, ନୂଆ ବର୍ଷର ଛୁଟି କଟାଇବା ପାଇଁ କେଉଁ କେଉଁ ସ୍ଥାନ ପରଫେକ୍ଟ ତାହା ପୁଣି କରୋନା ମହାମାରୀ ସମୟରେ। ଏଠାରେ ସେମିତି କେତୋଟି ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ଉଲ୍ଲେଖ କରାଗଲା ; ଯେଉଁଠାରେ କରୋନା ସଚେତନତାକୁ ମାନିବା ସହ ନୂଆବର୍ଷକୁ ବେଶ୍ ଆନନ୍ଦ ଉଲ୍ଲାସର ସହକାରେ ସ୍ୱାଗତ କରିବାକୁ ଯୋଜନା କରାଯାଇଛି..





**ଲାକ୍ଷାଦ୍ୱୀପ:** ବର୍ତ୍ତମାନର କରୋନା ମହାମାରୀକୁ ଯଦି ଧ୍ୟାନରେ ରଖିବା ତା'ହେଲେ ଲାକ୍ଷାଦ୍ୱୀପ ହେଉଛି ଏମିତି ଏକ ସ୍ଥାନ, ଯେଉଁଠାରେ ଏହି ବିପତ୍ତି ପ୍ରାୟତଃ ନିୟନ୍ତ୍ରଣରେ ରହିଥିବା ସୂଚନା ରହିଛି। ତେଣୁ ବ୍ୟସ୍ତମୟ ଜୀବନରୁ କିଛି ସମୟର ବିରତି ନେଇ ଯଦି ଆପଣ ନୂଆବର୍ଷକୁ କେଉଁ ଏକ ଶାନ୍ତିପୂର୍ଣ୍ଣ ସ୍ଥାନରେ କଟାଇବାକୁ ଚାହୁଁଥାନ୍ତି, ତା'ହେଲେ ଲାକ୍ଷାଦ୍ୱୀପ ଆପଣଙ୍କ ପାଇଁ ବେଷ୍ଟ ହେବ। ମୁଖ୍ୟତଃ ଏଠାକାର ଶାନ୍ତ, ସୁନ୍ଦର ବେଳାଭୂମିରେ କିଛି କ୍ଷଣ ବସିପଡ଼ିଲେ ଥକାପଣ ଚୁଟ୍‌କିରେ ଦୂର ହୋଇଗଲା ଭଳି ମନେହୁଏ। ତେବେ ନୂଆବର୍ଷ ଅବସରରେ ପର୍ଯ୍ୟଟକ ଏଠାରେ ଆକର୍ଷଣୀୟ ପ୍ରାକୃତିକ ଦୃଶ୍ୟକୁ ମନଭରି ଉପଭୋଗ କରିବା ସହ ଫଟୋ ଉଠାଇପାରିବେ ଏବଂ ବିଭିନ୍ନ ପ୍ରକାର ଜଳକ୍ରୀଡ଼ାର ମଜା ମଧ୍ୟ ନେଇପାରିବେ। ତା'ସହିତ ସୁମଧୁର ମ୍ୟୁଜିକ୍‌ର ତାଳେ ତାଳେ ଚାହିଁଲେ ନାଚି, ଗାଇ ମନକୁ କିଛି କ୍ଷଣ ପାଇଁ ହାଲ୍‌କା ବି କରିପାରିବେ।


**ଗୋଆ:** ଏହା ଭାରତର ଏକ ଛୋଟ ରାଜ୍ୟ ହୋଇଥିଲେ ବି ଏଠାରେ ଛୋଟବଡ ହୋଇ ପ୍ରାୟ ୪୦ଟି ସମୁଦ୍ରତଟ ଥିବାର ସୂଚନା ରହିଛି। ତନ୍ମଧ୍ୟରୁ କେତେକ ସମୁଦ୍ରତଟ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ମଧ୍ୟ ଅର୍ଜନ କରିପାରିଛି। ଖାସ୍ ଏହି କାରଣ ପାଇଁ ଗୋଆ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିବାରେ ସକ୍ଷମ ହୋଇପାରିଛି। ତେବେ ଏଠାକାର କେତେକ ସମୁଦ୍ରତଟରେ ବିଭିନ୍ନ ପ୍ରକାରର ଜଳକ୍ରୀଡା ଯେମିତି କି ବାନାନା ବୋଟ୍ ରାଇଡ୍ସ, ପାରାସେଲିଂ, ଜେଟ୍ ସ୍କି, ୱାଟର୍ ସ୍କୁଟର୍ ରାଇଡ୍ ଇତ୍ୟାଦି କରିବାର ସୁଯୋଗ ବି ରହିଛି। ତା'ଛଡା ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଗୋଆରେ ଅନେକ ଧାର୍ମିକସ୍ଥଳ, ଐତିହାସିକ ଚର୍ଚ୍ଚ, ବନ୍ୟପ୍ରାଣୀ ଅଭୟାରଣ୍ୟ, ମ୍ୟୁଜିୟମ୍ ତଥା ବିଜ୍ଞାନ ପରିଦର୍ଶନାଗାର ଇତ୍ୟାଦି ମଧ୍ୟ ଅଛି। ଖାସ୍ ଏହି କାରଣ ଯୋଗୁ ବର୍ଷର ସବୁ ସମୟରେ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ଲାଗି ରହିଥାଏ। ହେଲେ କରୋନା ମହାମାରୀ ପାଇଁ ବେଶ୍ କିଛିଦିନ ଏଠାକୁ ପର୍ଯ୍ୟଟକଙ୍କର ଆଗମନକୁ ନେଇ କଟକଣା ରହିଥିଲା। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଟିକେ ସୁଧାର ଆସିବାରୁ ଗୋଆ ତା'ର ପର୍ଯ୍ୟଟକଙ୍କୁ ପୁଣିଥରେ ସ୍ୱାଗତ କରିବା ଆରମ୍ଭ କରିଛି। କାରଣ ଏଠାରେ ମହାମାରୀର ପରିସ୍ଥିତି ପ୍ରାୟ ନିୟନ୍ତ୍ରଣରେ ରହିଥିବା ସୂଚନା ମିଳୁଛି। ତଥାପି ଏଠି ସାବଧାନତା ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି। ତେଣୁ ନୂଆବର୍ଷ ଅବସରରେ ଏଠାକୁ ବୁଲି ଯିବାରେ କୌଣସି ଅସୁବିଧା ନାହିଁ।

**ମଧ୍ୟପ୍ରଦେଶ:** କରୋନା ମହାମାରୀକୁ ଦୃଷ୍ଟିରେ ରଖି ମଧ୍ୟପ୍ରଦେଶ କିଛିଦିନ ପାଇଁ ପର୍ଯ୍ୟଟନକୁ ବନ୍ଦ ରଖିବା ପରେ ଏବେ ପୁଣିଥରେ ପର୍ଯ୍ୟଟକଙ୍କୁ ବୁଲାବୁଲି କରିବାକୁ ଅନୁମତି ପ୍ରଦାନ କରିଛି। ତେବେ ଏହା ହେଉଛି ଭାରତର ଏମିତି ଏକ ରାଜ୍ୟ, ଯାହା ନିଜର ଐତିହାସିକ ସ୍ମାରକୀ, ମନ୍ଦିର ତଥା ଆକର୍ଷଣୀୟ ଦୁର୍ଗ ଓ ମହଲ ଦ୍ୱାରା ଆଗନ୍ତୁକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ତା'ଛଡା ଏଠାରେ ଅନେକ ଜାତୀୟ ଉଦ୍ୟାନ ଓ ବନ୍ୟପ୍ରାଣୀ ଅଭୟାରଣ୍ୟ ବି ରହିଛି, ଯେଉଁଠାରେ ଆଗନ୍ତୁକ ବିଭିନ୍ନ ପ୍ରକାର ଲୁପ୍ତପ୍ରାୟ ପଶୁପକ୍ଷୀ ତଥା ବୃକ୍ଷଲତାକୁ ଦେଖିବାର ସୁଯୋଗ ପାଇପାରିବେ। ନୂଆବର୍ଷ ଅବସରରେ ପର୍ଯ୍ୟଟକ ଚାହିଁଲେ ଏଠାକୁ ବୁଲିବାକୁ ଯାଇପାରିବେ। କାରଣ ଏବେ ଏଠାରେ କରୋନା ପରିସ୍ଥିତି ପ୍ରାୟତଃ ନିୟନ୍ତ୍ରଣରେ ରହିଥିବା ସୂଚନା ରହିଛି।

**ରାଜସ୍ଥାନ:** ଏହା ଭାରତର ଏମିତି ଏକ ରାଜ୍ୟ, ଯାହାର ପ୍ରତି ଜିଲାରେ ଅନେକ ଦର୍ଶନୀୟ ସ୍ଥାନ ଦେଖିବାକୁ ମିଳିଥାଏ। ବିଶେଷ କରି ଐତିହାସିକ ଦୁର୍ଗମାନ ଏଠାକାର ପ୍ରାୟ ସବୁ ସ୍ଥାନରେ ରହିଛି। ତା'ଛଡ଼ା ଏଠାରେ ଅନେକ ପୌରାଣିକ ମନ୍ଦିର ବି ଦେଖାଯାଏ। କହିବାକୁ ଗଲେ ଏଠାକାର ପର୍ଯ୍ୟଟନ ଉଦ୍ୟୋଗ ବେଶ୍ ସମୃଦ୍ଧିଶାଳୀ। କେବଳ ଦୁର୍ଗ ନୁହେଁ ଆଗନ୍ତୁକମାନେ ଏଠାରେ ଅନେକ ମହଲ, ଆକର୍ଷଣୀୟ ବଗିଚା, ମନ୍ଦିର, ବଜାର, ଜାତୀୟ ଉଦ୍ୟାନ, ପ୍ରାକୃତିକ ତଥା ମନୁଷ୍ୟ କୃତ ହ୍ରଦ ଓ ବହୁତଳ କୂପ ଇତ୍ୟାଦି ବି ଦେଖିପାରିବେ। ତେବେ କରୋନା ପରିସ୍ଥିତି ଏବେ ଏଠାରେ ନିୟନ୍ତ୍ରଣରେ ରହିଥିବାରୁ, ନୂଆବର୍ଷ ଅବସରରେ ପର୍ଯ୍ୟଟକ ଚାହିଁଲେ ଏଠାକୁ ବି ବୁଲି ଯାଇ ଅନେକ ଅନୁଭୂତି ସାଉଁଟିପାରିବେ।

କେବଳ ଏତିକି ସ୍ଥାନ ନୁହେଁ, ଭାରତରେ ଆହୁରି ଅନେକ ସ୍ଥାନ ବି ଅଛି ଯେମିତି କି ପୁଡୁଚେରୀ, କୋଲକାତା ଇତ୍ୟାଦି ; ଯେଉଁଠାରେ କରୋନା ପରିସ୍ଥିତି ପ୍ରାୟତଃ ନିୟନ୍ତ୍ରଣରେ ରହିଥିବାରୁ ପର୍ଯ୍ୟଟକ ଚାହିଁଲେ ଏଠାକୁ ମଧ୍ୟ ନୂଆବର୍ଷର ଛୁଟି କାଟିବାକୁ ଯାଇପାରିବେ।









# ମହାକାଶରେ ମୂଳା ଚାଷ

ଟେକ୍ନୋଲୋଜିରେ ଆଜିକାଲି ଅବିଶ୍ୱସନୀୟ ବିକାଶ ଘଟିଲାଣି। ପୂର୍ବରୁ କୁହାଯାଉଥିଲା ମହାକାଶରେ ପନିପରିବା ହୋଇପାରିବ ନାହିଁ। କିନ୍ତୁ ଏବେ ଏହା ସମ୍ଭବ ବୋଲି ଜଣାପଡ଼ିଛି। ନାସାର ମହାକାଶଚାରୀ ଓ ଫ୍ଲାଇଟ ଇଞ୍ଜିନିୟର କେଟ୍ ରୁବିନ୍ସ ମହାକାଶରେ ମୂଳା ଗଛ ଲଗାଇବାରେ ସଫଳ ହୋଇଛନ୍ତି। ସେ ପୁଣି ଗୋଟିଏ କି ଦୁଇଟି ନୁହେଁ ୨୦ଟି ମୂଳା ଚାଷ କରିଛନ୍ତି। ଇତିହାସରେ ପ୍ରଥମ ଥର ଏହା ଘଟିଛି। ନାସାର ଏ ହେଉଛି ଏକ ବଡ଼ ସଫଳତା। ମାତ୍ର ୨୭ ଦିନରେ ଉତ୍ପାଦିତ ହୋଇଥିବା ଏହି ମୂଳାର ବଡ଼ ହେବା ପ୍ରୋସେସ୍‌କୁ ଏକ ୧୦ ସେକେଣ୍ଡର ଭିଡିଓ କରି ନାସାର ଏହି ମହାକାଶଚାରୀ ଓ ଫ୍ଲାଇଟ୍ ଇଞ୍ଜିନିୟର କେଟ୍ ପଠାଇଛନ୍ତି। ୨୦୨୧ରେ ସେମାନେ ପୃଥିବୀକୁ ଆସିବା ପରେ ଏହି ମୂଳାକୁ ନେଇ ଆସିବେ। ଆଉ ସମସ୍ତେ ତାକୁ ଦେଖିପାରିବେ। ଏହି ପ୍ଲାଣ୍ଟ ଏକ୍ସପେରିମେଣ୍ଟକୁ ପ୍ଲାଣ୍ଟ ହାବିଟାଟ୍-୦୨ ନାମ ଦିଆଯାଇଥିଲା। ଯେହେତୁ ଏହି ମୂଳା କମ୍ ଦିନରେ ବଡ ହୁଏ ତେଣୁ ଏହି ଚାଷ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମହାକାଶରେ ଉତ୍ପାଦିତ ଏହି ମୂଳା ଖାଇବା ଯୋଗ୍ୟ ଓ ପୃଥିବୀରେ ଉତ୍ପାଦିତ ମୂଳା ପରି ପୁଷ୍ଟିକର । ପୂର୍ବରୁ ମହାକାଶଚାରୀମାନେ ମହାକାଶରେ ଗହମ ଓ ପତ୍ର ଭଳି ପରିବା ଚାଷ କରିବାକୁ ଚେଷ୍ଟା କରିଥିଲେ, ହେଲେ ସଫଳତା ମିଳି ନ ଥିଲା। ତେଣୁ ଏଥର ସ୍ପେସ୍ ଷ୍ଟେସନ୍‌ରେ କିଛି ପରିବର୍ତ୍ତନ କରାଯାଇଥିଲା। ଯେଉଁ ଚାମ୍ବରରେ ଏହାକୁ ଚାଷ କରାଯାଇଥିଲା ତା' ମଧ୍ୟରେ ଧଳା ଏଲଇଡି ଲାଇଟ୍ ପକାଯାଇଥିଲା। ଏହାବାଦ୍ ଏଥିରେ ଲାଲ, ହଳଦିଆ ଓ ନୀଳ ରଙ୍ଗର ଆଲୋକ ବ୍ୟବହାର କରାଯାଇଥିଲା ; ଯଦ୍ୱାରା ଫସଲ ଭଲରେ ବଡ଼ ହୋଇପାରିବ। ଏହି ୨୦ଟି ମୂଳା ଉତ୍ପାଦନ ପାଇଁ ଅନେକ ଟଙ୍କା ବି ଖର୍ଚ୍ଚ କରାଯାଇଛି।



## କାର୍ଟୁନ କର୍ନର



# ମନୁଷ୍ୟ ଦୁଃଖ ପାଏ କାହିଁକି

ଏହାର ସମାଧାନ କିଏ କେତେ ପ୍ରକାର ଦେଲେ ବି ଉତ୍ତର କିନ୍ତୁ ଗୋଟିଏ । ଶାସ୍ତ୍ର, ପୁରାଣ ଓ ସାଧୁସନ୍ଥମାନଙ୍କ ମତରେ ମନୁଷ୍ୟ ନିଜ କର୍ମ ଫଳରୁ ହିଁ ଦୁଃଖ ପାଏ । ଜଣେ ଯଦି ଭଲ କାମ କରେ ତେବେ ଭଲ ଫଳ ପାଇବ । ସୁଖ ଭୋଗ କରିବ । ଏ ଜନ୍ମରେ ହେଉ ବା ପୂର୍ବ କୋଉ ଜନ୍ମରେ କିଛି ବି ପାପ କରିଥିଲେ 'ଅଗ୍ରେ ଧାବତୀ ଧାବତୀ' ନ୍ୟାୟରେ କର୍ମଫଳ ମଣିଷର ପଛ ଧରିଥାଏ । ଦେଖୁ ନାହାନ୍ତି, ପିତାମହ ଭୀଷ୍ମ ଗୋଟିଏ ଜନ୍ମରେ ଏକ ନିରୀହ ଅଜଗର ସର୍ପକୁ ବିନାକାରଣରେ ତୀର ମୁନରେ ଟେକି କଣ୍ଟାଯୁକ୍ତ ଗଛ ଉପରକୁ ଫୋପାଡ଼ି ଦେଇଥିଲେ ବୋଲି ତାଙ୍କୁ କେମିତି ଶରଶଯ୍ୟାରେ ପଡି ରହିବାକୁ ପଡିଲା । ଗୋଟିଏ ନୁହେଁ କି ଦଶଟି ନୁହେଁ, ପୂରା ଶହେ ଏକ ଜନ୍ମର ଗୋଟିଏ ବର୍ଷଣ ମୁଖର ଦିନରେ ବର୍ଷାସ୍ରୋତରେ ବୃକ୍ଷ କୋରଡ଼ରୁ ଧାଡି ଧାଡି ହୋଇ ଭାସି ଆସୁଥିବା ଶହେଟି ଅଣ୍ଡାକୁ କୌତୂହଳବଶତଃ ନିଜ ଗୋଡ଼ର ବୃଦ୍ଧାଙ୍ଗୁଷ୍ଠିରେ ଟିକ ଟିକ କରି ଫୁଟେଇ ଏକ ବିଚିତ୍ର ଉଲ୍ଲାସରେ କୁରୁଳି ଉଠୁଥିବା ସେ ଜନ୍ମର ସେହି ଅବୋଧ ବାଳିକାଟି କ'ଣ ଜାଣିଥିଲା ଯେ ପରବର୍ତ୍ତୀ ଜନ୍ମରେ ଗାନ୍ଧାରୀ ହୋଇ ନିଜ ଶହେ ପୁଅକୁ ହରାଇ ବାଉଳି ଖାଇବାକୁ ପଡିବ ବୋଲି ?

ପାଠକେ, କେହି କେହି ଏ କଥାକୁ ଗାଲୁ ଗପ ବୋଲି କହିପାରନ୍ତି । କହିବାରେ କାହାକୁ ମନା ନାହିଁ । ଏଇ ନିକଟରେ ମୋର ଜଣେ ସାମ୍ବାଦିକ ବନ୍ଧୁ କହୁଥିଲେ ଯେ, ତାଙ୍କର ଏମିତି ଜଣେ ଆଇଏଏସ ଅଫିସରଙ୍କ ସହ ପରିଚିତ ଅଛି ; ଯିଏ ଗାନ୍ଧୀ, ଗୋପବନ୍ଧୁ, ବିବେକାନନ୍ଦ, ବୁଦ୍ଧଙ୍କ ପରି ବହୁ ମହାପୁରୁଷ ତଥା ଗୀତା, ଭାଗବତ, ରାମଚରିତ ମାନସ ପରି ସବୁ ଧର୍ମଶାସ୍ତ୍ରକୁ ପସନ୍ଦ କରନ୍ତି ନାହିଁ । ହଉ, ନିଜ ନିଜର ସଂସ୍କାର ଆଉ ଚିନ୍ତନକୁ ଧରି ଯିଏ ଯେଉଁ



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ

ବାଟରେ ଯାଉଛି ଯାଉ । ରାମଙ୍କୁ ଯିଏ ମାନୁନି, ଜଗନ୍ନାଥଙ୍କୁ ଯିଏ ଦର୍ଶନ କରିବାକୁ ଯାଉନି, କୃଷ୍ଣଙ୍କୁ ଯିଏ କୀର୍ତ୍ତନ କରୁନି, ସେମାନେ କ'ଣ ଦୁଃଖରେ ଅଛନ୍ତି ନା ତାଙ୍କ ଘର ଉପରେ ବଜ୍ର ପଡିଯାଉଛି ? ଏ ସବୁର ଧାର ଧରୁ ନ ଥିବା ବି ବହୁ ଉଚ୍ଚକୋଟୀର ସନ୍ଥ ଅଛନ୍ତି ଆମ ସମାଜରେ ।

ଆଜିର ଆଲୋଚନାକୁ ଆସିବା । ଭଗବାନ ବୁଦ୍ଧ କହିଲେ –ଦୁଃଖର କାରଣ ହେଉଛି କାମନା । ଏହାର ବିନାଶରେ ଦୁଃଖର ବିନାଶ । ହେଲେ ଜଣେ ସାଧାରଣ ସଂସାରୀଟିଏ ଯେ ତା' ମନର ସମସ୍ତ କାମନାକୁ ସହଜରେ ହଟେଇ ଦେଇପାରିବ, ଏ କଥା ବି ନୁହେଁ । ଗୋଟିଏ ମଣିଷ କିଛି କିଛି କାମନାକୁ ପ୍ରତିହତ କରିଦେଇ ପାରେ କିନ୍ତୁ ସବୁ କାମନାକୁ ନୁହେଁ । ଆଉ କାମନା ରହିଲା ମାନେ ହିଁ ଦୁଃଖ । କାହିଁକି ନା ସବୁ କାମନା ଯେ ପୂରଣ ହୋଇ ପାରିବ ତା'ର କିଛି ଗ୍ୟାରେଣ୍ଟି ନାହିଁ । କିନ୍ତୁ ମନଟା ସମ୍ପୂର୍ଣ୍ଣ କାମନା ଶୂନ୍ୟ ହୋଇଗଲେ ଯେ ସ୍ୱର୍ଗସୁଖ କୁଢ଼େଇ ହୋଇ ପଡିବ, ଏହାକୁ ଯିଏ ଅନୁଭବ କରିଛି ସେ ଜାଣିଛି ।

ରଥ ଉପରେ ବସି ଯାଉଥିଲା ବେଳେ ପ୍ରଶାନ୍ତ ମୁଖ ମଣ୍ଡଳଯୁକ୍ତ ଏକ ସାଧୁଙ୍କୁ ଦେଖି ରଥରୁ ଓହ୍ଲାଇ ପଡିଲେ ରାଜା । ପ୍ରଣିପାତ ପୂର୍ବକ ବିନୀତ ଜିଜ୍ଞାସା କଲେ –ମହାତ୍ମାନ ! ଆପଣ ଯେମିତି ସଦା ଖୁସି ରହିପାରୁଛନ୍ତି, ମୁଁ ଟିକେ କେମିତି ସେମିତି ରୁହନ୍ତି । ଏପରି ରହିବାର ସୂତ୍ର ଟିକେ ମୋତେ ବତାଇ ଦିଅନ୍ତୁ ।

ତୁମେ ତ ରାଜା । ରାଜ୍ୟ, ପ୍ରଜା, ଧନ ସମ୍ପତ୍ତି ଆଦି ପ୍ରଭୁତ୍ୱ କ୍ଷମତାର ଅଧୀଶ୍ୱର । ତୁମେ କ'ଣ ସହଜରେ ପାରିବ ? ପାରିବ, ଏ ସବୁକୁ ମନରୁ ପୋଛି ଦେଇପାରିବ ? ? କାମନା ଶୂନ୍ୟ ହୋଇପାରିବ ? ? ? ତେବେ ଯାଇ



ଅଖଣ୍ଡ ସୁଖ ପାଇପାରିବ । –ଏତକ କହି ସାଧୁ ନିଜ ବାଟରେ ଚାଲିଗଲେ ।

ରାଜା ସବୁକିଛିର ମୋହ ତ୍ୟାଗକରି ଏକ ସାଧାରଣ ଜୀବନ ଜିଇଲେ । ତଥାପି ମନ କାହିଁକି ତାଙ୍କର ବେଳେ ବେଳେ ଅଶାନ୍ତ ରହୁଥାଏ । ଅକସ୍ମାତ୍ ସେଇ ସାଧୁଙ୍କ ସହ ଦିନେ ଭେଟ ହୋଇଯିବାରୁ ରାଜା ଏହାର କାରଣ ପଚାରିଲେ ।

ସାଧୁ ଉତ୍ତର ଦେଲେ– ତୁମେ ସବୁ କାମନା ତ୍ୟାଗ କରିଛ ସତ୍ୟ କିନ୍ତୁ ଆନନ୍ଦ ପାଇବା ପାଇଁ ଯେଉଁ କାମନା ଟିକକ ତୁମ ମନ ମଧ୍ୟରେ ଅଛି, ତାକୁ ତ ତ୍ୟାଗ କରିନ ? ସେତକ କଲେ ହିଁ ତୁମକୁ ପୂର୍ଣ୍ଣାନନ୍ଦ ପ୍ରାପ୍ତ ହେବ । ରାଜା ସେୟା କଲେ ଏବଂ ସାଧୁଙ୍କ ପରି ନିଜେ ଆନନ୍ଦ ସାଗରରେ ଉବୁଟୁବୁ ହେଲେ ।

ଆମେ କିନ୍ତୁ ଓଲଟା ଦିଗରେ ଗାଡ଼ି ଚଳଉଛୁ । ଆମେ କାମନା ଫାଶରୁ ମୁକୁଳିବୁ କ'ଣ ଓଲଟି ଦେବଦେବୀଙ୍କ ନିକଟରେ ଗୁଆ, ନଡ଼ିଆ ବସେଇ ମାନସିକ କରୁଛୁ । ଦାଢି ଚୁଟି ଆଉ ଏଡ଼େ ଏଡ଼େ ଜଟ ଛାଡି ବୁଲୁଛୁ । ଯଦିଓ କାମନାର ବିନାଶ ଘଟିଲେ ସୁଖ ମିଳେ ବୋଲି ଭାଷଣ ଆଉ ପ୍ରବଚନରେ କହୁଛୁ ହେଲେ ଏହା କେବଳ କହିବା ପାଇଁ କହୁଛୁ । କାମନାର ଅର୍ଗଳୀରୁ ବାହାରିବା ପାଇଁ ସାମାନ୍ୟ ପ୍ରୟାସ ବି କରୁନୁ ।

ବାକି ରହିଲା କର୍ମ ଫଳରୁ ଦୁଃଖ ମିଳିବା ବାବଦରେ । 'ଗୀତା'ରେ ପ୍ରଭୁ କହିଲେ –ଗହନା କର୍ମଣ ଗତି । କର୍ମର ଗତି ଜାଣିବା ଅତି କଠିନ । ମଣିଷ ଯୋଉ ଦୁଃଖ ଭୋଗେ ତାହା ଯେ ତା'ର ଜ୍ଞାତ ବା ଅଜ୍ଞାତରେ କରିଥିବା କୁ-କର୍ମର ଫଳ, ଏହାକୁ ମାନିବାକୁ ଅନେକ ସମୟରେ ସେ ପ୍ରସ୍ତୁତ ନ ଥାଏ । ଆମ ଭିତରୁ ଅନେକେ ପଣ୍ଡିତଙ୍କ ପରି କୁହନ୍ତି –ମୋ ଜାଣିବାରେ ମୁଁ ତ ଏ ଜୀବନରେ କାହାର କିଛି ଅନିଷ୍ଟ କରିନି । ତେବେ ମୁଁ କାହିଁକି ଏ ଦଣ୍ଡ ଭୋଗୁଛି । ମୁଁ ତ କେବେ କାହାର କୁକୁରକୁ ବାଡେଇନି, ଓଲଟି କୁକୁର ଦେଖିଲେ ପ୍ୟାକେଟ ପ୍ୟାକେଟ ବିସ୍କୁଟ ଖାଇବାକୁ ଦିଏ । ଆଜି କାହିଁକି କୁକୁର ମୋତେ କାମୁଡ଼ିଲା ? ଯା...ଆଜିଠୁ ସେମାନଙ୍କୁ ଦୂର ଦୂର ମାର ମାର କରିବି ।

କାହାଣୀଟିଏ । ଏକ ସାମାନ୍ୟ କାରଣକୁ ନେଇ ଦୋକାନ ମାଲିକ ଦୋକାନରେ କାମ କରୁଥିବା ମ୍ୟାନେଜରକୁ ଚଟକଣିଟିଏ ପକାଇ ଦେଲେ । ମ୍ୟାନେଜର ରାଗି କରି ଘରକୁ ଗଲେ । ଘରେ ଜିନିଷ ପତ୍ର ସବୁ ଖେଳା ମେଳା ହୋଇ ପଡି ରହିଥିବାର ଦେଖି ସ୍ତ୍ରୀ ପିଠିରେ ଗୋଟେ ବିଧା ଥୋଇଲେ । ସ୍ତ୍ରୀ ତ ପୁଣି କାହା ଉପରେ ରାଗ ଶୁଝାଇବେ ? ସେ ନିଜ ଚାକରକୁ ଦି ଖୁନ୍ଦା ପକେଇଲେ । ଚାକର ରାଗରେ ଗର ଗର ହୋଇ ପୋଷା କୁକୁରକୁ ନିସ୍ତୁକ ପିଟିଲା । କୁକୁର ହେଲେ ବି ତା'ର କ'ଣ ରାଗ ନାହିଁ ନା କ'ଣ ? ସେ ଦଉଡି ଛିଣ୍ଡାଇ ବାହାରକୁ ଦୌଡ଼ିଲା । ବାଟରେ ଆଉ କାହାକୁ ପାଇଲା ନାହିଁ । ଦେଖିଲା ଗୋଟିଏ ଲୋକ ଗାଡି ଷ୍ଟାର୍ଟ କରି ବସିବାକୁ ଯାଉଛି । ଧଇଲା ତା' ଗୋଡ଼କୁ । ପୁଳାଏ ମାଂସ ଭିଣି ଆଣିଲା ।

କୁକୁର କାମୁଡିଥିବା ଲୋକଟି ଯେ ସେଇ ଦୋକାନ ମାଲିକ –ଏ କଥା ପରଦିନ ମ୍ୟାନେଜର ଜାଣିଲେ ।

ଇଆଡ଼େ କୁକୁରକୁ ଯେତେ ବିସ୍କୁଟ ଖାଇବାକୁ ଦେଲେ କ'ଣ ହେବ, କର୍ମଫଳ ପରା ନିଜ ଅଜାଣତରେ କେଉଁ କେଉଁ ମାର୍ଗ ଦେଇ ଠିକଣା ଜାଗାରେ ପହଞ୍ଚି ଯିବ,

ତାହା ଜାଣିବା ମଣିଷ ପାଇଁ ପ୍ରାୟ ଦୁର୍ଲଭ ।

*–ଦିବ୍ୟାଲୋକ ସଂଧାନେ, ରାମନଗର, ତେଲେଙ୍ଗାପେଣ୍ଠ, କଟକ*

# ନୂଆବର୍ଷରେ ରଙ୍ଗର ପ୍ରଭାବ

**ଆଉ ଦିନ କେଇଟା ପରେ ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆବର୍ଷକୁ ସ୍ୱାଗତ କରାଯିବ। ସେହି ଅନୁଯାୟୀ ସମସ୍ତଙ୍କର ଆକାଂକ୍ଷା ଥିବ, ନୂଆବର୍ଷଟି କିପରି ସୁଖମୟ, ମଙ୍ଗଳମୟ ହେଉ ଏବଂ ସଭିଙ୍କ ଜୀବନ ସୁଖ, ସମୃଦ୍ଧିରେ ଭରିଯାଉ। ତେବେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ବେଳେବେଳେ ରଙ୍ଗ ବି ସୌଭାଗ୍ୟକୁ ଡାକି ଆଣିଥାଏ, ତେଣିକି ସେ କପଡ଼ା ହେଉ ଅବା ଘରର ରଙ୍ଗ କିମ୍ବା କୌଣସି ଆସବାବପତ୍ରର ରଙ୍ଗ...**

**ନାଲି:** ଏହି ରଙ୍ଗ ସାଧାରଣତଃ ଶକ୍ତିଶାଳୀ ତଥା ତୀବ୍ରତାର ପ୍ରତୀକ। ମନ ଏବଂ ଶରୀରକୁ ଉତ୍ତେଜିତ ଓ ଆକର୍ଷିତ କରିବାରେ ବି ଏହା ବେଶ୍ ସହାୟକ ହୋଇଥାଏ। ତେଣୁ କୁହାଯାଏ, ନୂଆବର୍ଷ ଅବସରରେ ନାଲି ରଙ୍ଗର ପୋଷାକ ପିନ୍ଧିଲେ ମନ ପ୍ରଫୁଲ୍ଲିତ ରହିବା ସହ ସହଜରେ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିହେବ।

**ନୀଳ:** ଏହି ରଙ୍ଗକୁ କଲର୍ ଅଫ୍ ମାଇଣ୍ଡ କୁହାଯାଇଥାଏ, ଯାହା ମନ ଓ ମସ୍ତିଷ୍କକୁ ଶାନ୍ତ ତଥା ଚିନ୍ତାମୁକ୍ତ ରଖିବାରେ ବେଶ୍ ସହାୟକ ହୋଇଥାଏ। ସେହିପରି ହାଲ୍କା ନୀଳ ରଙ୍ଗ ଏକାଗ୍ରତା ବୃଦ୍ଧି କରିବାରେ ବି ସାହାଯ୍ୟ କରିଥାଏ। ତେଣୁ ନୂଆବର୍ଷରେ ଏହି ରଙ୍ଗର ପୋଷାକ ଅବା ଜିନିଷ ବ୍ୟବହାର କରନ୍ତୁ।

**ଧଳା:** ଏହି ରଙ୍ଗ ଶାନ୍ତିର ପ୍ରତୀକ ହୋଇଥିବାରୁ ନୂଆବର୍ଷରେ ଧଳାରଙ୍ଗର ପୋଷାକ ପିନ୍ଧିଲେ ସାରା ଦିନ ମନ ଖୁସି ରହିବା ସହ କାମ କରିବାକୁ ଆଗ୍ରହ ହୋଇଥାଏ।

**ସବୁଜ:** ଏହା ସାଧାରଣତଃ ହସଖୁସି ତଥା ସତେଜତାକୁ ଦର୍ଶାଇଥାଏ। ଏଥିରେ ପ୍ରାକୃତିକ ଉପାୟରେ ଉର୍ଜା ବୃଦ୍ଧି କରିବାର ଶକ୍ତି ରହିଥିବାରୁ, ନୂଆବର୍ଷ ଅବସରରେ ଏହି ରଙ୍ଗର ପୋଷାକ ପିନ୍ଧିଲେ, ଘରର କାନ୍ଥରେ ଏହି ରଙ୍ଗ ଲଗାଇଲେ ଅବା ଉକ୍ତ ରଙ୍ଗର ଆସବାବପତ୍ର ବ୍ୟବହାର କଲେ ନିରାଶପଣରୁ ସହଜରେ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି।

**ହଳଦିଆ:** ହଳଦିଆ ରଙ୍ଗର ଭାବରେ ଶରୀରର ନର୍ଭ ସିଷ୍ଟମ ଉତ୍ତେଜିତ ହୋଇ ସେଥିରୁ ଏକପ୍ରକାର ହରମୋନ୍ କ୍ଷରିତ ହୋଇଥାଏ, ଯାହା ଆମ ଚିନ୍ତାଧାରାକୁ ସକାରାତ୍ମକ ରଖି ନିଷ୍ପତ୍ତି ନେବାରେ ଆମକୁ ସାହାଯ୍ୟ କରିଥାଏ। ତେବେ ଗାଢ଼ ହଳଦିଆ ତୁଳନାରେ ହାଲ୍କା ହଳଦିଆ ରଙ୍ଗର ପ୍ରଭାବ ଅଧିକ ରହୁଥିବାରୁ ନୂଆବର୍ଷ ପାଇଁ ହାଲ୍କା ହଳଦିଆ ରଙ୍ଗର ପୋଷାକ ବି ଏକ ଭଲ ଅପ୍ସନ ହୋଇପାରିବ।

**କମଳା:** ଏହି ରଙ୍ଗକୁ ଉତ୍ସାହ ତଥା ବନ୍ଧନମୁକ୍ତର ପ୍ରତୀକ ଭାବେ ବିବେଚନା କରାଯାଇଥାଏ। ତାହା ସହ ଏହା ସୃଜନଶୀଳତାକୁ ବି ବେଶ୍ ପ୍ରଭାବିତ କରିଥାଏ। ଆମ ଶରୀର ଓ ମନ ଉପରେ କମଳା ରଙ୍ଗର ଭଲ ପ୍ରଭାବ ରହୁଥିବାରୁ ନୂଆବର୍ଷ ଅବସରରେ ଆପଣ ଚାହିଁଲେ ଏହି ରଙ୍ଗର ପୋଷାକ ହେଉ କିମ୍ବା କୌଣସି ଫ୍ୟାଶନ୍ ଆସେସରିଜ୍ ବି ଆରାମରେ ଟ୍ରାଏ କରିପାରିବେ।



**ଗୋଲାପୀ:** ଏହି ରଙ୍ଗକୁ ବି ପ୍ରେମ ଓ ରୋମାନ୍ସର ପ୍ରତୀକ ଭାବେ ଅନେକେ ବିବେଚନା କରିଥାନ୍ତି। ତେଣୁ ନୂଆବର୍ଷରେ ଯଦି କୌଣସି ଝିଅ କାହାକୁ ଇମ୍ପ୍ରେସ୍ କରିବାକୁ ଚାହୁଁଥାନ୍ତି, ତା'ହେଲେ ଗୋଲାପୀ ରଙ୍ଗର ପୋଷାକ ସେମାନଙ୍କ ପାଇଁ ବେଷ୍ଟ ଅପ୍ସନ ହେବ।

ବ୍ୟାକ୍ ପେଜ୍







# ନା ଫଳ ନା ପରିବା

ଝୁଡିରେ ରଖାଯାଇଥିବା ତାଜା କମଳା ହେଉ କି ସଦ୍ୟ ଖୋଳା ହୋଇ ଅଣାଯାଇଥିବା ଆଳୁର ଏହି ଫଟୋ ଦେଖି ଭାରି ଇଚ୍ଛା ହେଉଥିବ ଏମିତି ତାଜା ଫଳ ଓ ପନିପରିବା ମିଳନ୍ତା କି! କିନ୍ତୁ ଜାଣି ରଖନ୍ତୁ ଏସବୁ ସତସତିକା ନୁହେଁ। ଯଦି ଏହାକୁ ଛୁରିରେ କାଟିବେ ତେବେ ଜାଣିପାରିବେ ଏହା କ'ଣ। ପ୍ରକୃତରେ ଏହି ତାଜା ଫଳ ଓ ପନିପରିବା ହେଉଛି ବନ୍ ଓ କେକ୍। ଏହାକୁ ପ୍ରସ୍ତୁତ କରିଛନ୍ତି ଭିଏତ୍‌ନାମର ମିଷ୍ଟାନ୍ନ ପ୍ରସ୍ତୁତକାରୀ ଲି ଥୁୟ। ପ୍ରଥମେ ଷ୍ଟିମ୍‌ଡ ବନ ତିଆରି କରିବା ପରେ ଏହା ଉପରେ ଖାଇବା ରଙ୍ଗ ଏସେନ୍‌ସିଆଲ ଅଏଲ୍ ଆଦି ବ୍ୟବହାର କରି ତାକୁ ସତସତିକା ଫଳ ଓ ପରିବାର ରୂପ ଦିଅନ୍ତି। ସେ ତିଆରି କରିଥିବା ଆଳୁ ତ ଏତେ ବାସ୍ତବ ଲାଗେ ଯେ, ନ କାଟିବା ପର୍ଯ୍ୟନ୍ତ କେହି ବିଶ୍ୱାସ କରିପାରିବେ ନାହିଁ ତାହା ଆଳୁ ନୁହେଁ ବନ୍ ବୋଲି।



# ସବୁଠୁ ବଡ଼ କଫି କପ୍

ଶୀତ ସକାଳେ ହାତରେ କଫି କପ୍ ଧରି ଗରମ କଫି ପିଇବାର ମଜା ଅଲଗା। ହେଲେ ଏଠାରେ ଆମେ ଯେଉଁ କଫି କପ୍ କଥା କହୁଛୁ ତାକୁ ହାତରେ ଧରି ହେବନି କି ସେଥିରେ ଥିବା କଫିକୁ ଜଣେ ପିଇ ସାରିପାରିବେନି। କାରଣ ଏ ହେଉଛି ପୃଥିବୀର ସବୁଠୁ ବଡ଼ କଫି କପ୍। ଆଉ ଏହି କପ୍‌ରେ ରହେ ୨୦ ଟନ୍‌ର କଫି। କଲମ୍ବିଆର କଫି ଚାଷ ହେଉଥିବା ପର୍ବତାଞ୍ଚଳର ମୁଖ୍ୟ ଭାଗ ଚିନ୍‌ଚିନାର ଟାଉନ୍ ପ୍ଲାଜାରେ ଏହି କଫି କପ୍ ତିଆରି କରାଯାଇଛି। ଏହାକୁ ତିଆରି କରିବା ପାଇଁ ୫୦ଜଣ ବ୍ୟକ୍ତି ଏକମାସରୁ ଅଧିକ ସମୟ କାମ କରିଥିଲେ। ଏଥିରେ ଯେଉଁ କଫି ରହିଥିଲା ତାହା ଥିଲା ଆରବିକ୍ କଫି। ୨୦୧୯, ଜୁନ ୧୫ରେ ଏହି କପ୍ ସବୁଠୁ ବଡ଼ କଫି କପ୍‌ର ମାନ୍ୟତା ପାଇଲା। ଏହି କଫିକୁ ସେଦିନ ଅନେକ ଲୋକ ଚାଖିଥିଲେ। ତେଣୁ ସବୁଠୁ ଅଧିକ ଲୋକ କଫିର ସ୍ୱାଦ ଚାଖିଥିବାର ଆଉ ଏକ ରେକର୍ଡ ମଧ୍ୟ ହୋଇଥିଲା।



# ଜନ୍ମ ହେଉ ହେଉ ବୟସ ୨୭

ଶିଶୁଟିଏ ଭୂମିଷ୍ଠ ହେବାଠାରୁ ତା'ର ବୟସ ଗଣତି ଆରମ୍ଭ ହୋଇଯାଏ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଏକ ଶିଶୁ ଜନ୍ମ ହେଉ ହେଉ ବୟସ ୨୭ ବର୍ଷ ହୋଇଯାଇଥିଲା। ଆମେରିକାର ଜଣେ ୨୯ ବର୍ଷ ବୟସ୍କା ମହିଳା ଜନ୍ମ ଦେଇଛନ୍ତି ଏହି ୨୭ବର୍ଷ ବୟସର ଝିଅକୁ। ଅବିଶ୍ୱସନୀୟ ଲାଗୁଥାଇପାରେ କଥାଟି। କିନ୍ତୁ ଜାଣନ୍ତୁ ଏହା କିଭଳି ସମ୍ଭବ ହେଇଛି। ଏହା ସମ୍ଭବ ହୋଇଛି କେବଳ ବିଜ୍ଞାନର ଅଗ୍ରଗତି ପାଇଁ। ଟିନା ଗିବ୍ସ ନାମ୍ନୀ ଏହି ମହିଳାଜଣକ ବେଞ୍ଜାମିନ ନାମକ ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ବିବାହର ୧୦ ବର୍ଷ ପରେ ବି ସେ ମା' ହୋଇପାରି ନ ଥିଲେ। ସ୍ୱାମୀ ସ୍ତ୍ରୀ ଉଭୟେ ମେଡିକାଲ ଚେକ୍‌ଅପ୍ କରାଇଲେ। ରିପୋର୍ଟରୁ ଜଣାପଡିଲା ଯେ, ବେଞ୍ଜାମିନ୍‌ଙ୍କ ସିଷ୍ଟିକ ଫାୟବ୍ରୋସିସ୍ ନାମକ ରୋଗରେ ଆକ୍ରାନ୍ତ। ଏହାଦ୍ୱାରା ସନ୍ତାନ ଜନ୍ମ ଉପରେ ପ୍ରଭାବ ପଡିଥାଏ। ଖାସ୍ ଏହି କାରଣରୁ ଟିନା ଗର୍ଭଧାରଣ କରିପାରୁ ନ ଥିଲେ। ଟିନା ଏକଦା ଖବରକାଗଜରୁ ଏମ୍ବ୍ରୋୟ(ଭ୍ରୁଣ) ଡୋନେଶନ୍ ଦ୍ୱାରା ଜଣେ ମହିଳା ଗର୍ଭବତୀ ହୋଇଥିବା କଥା ଜାଣିଥିଲେ।



ସେ ସ୍ୱାମୀଙ୍କୁ ଏକଥା କହିଲେ। ଆଉ ଦୁହେଁ ଏହି ପଦ୍ଧତି ଆପଣେଇବାକୁ ଚାହିଁଲେ। ଏମ୍ବ୍ରୋୟ ଡୋନେଶନ୍ ସଂସ୍ଥା ଯେଉଁଠି, ଭ୍ରୁଣକୁ ବହୁ ବର୍ଷ ଧରି ସଂରକ୍ଷିତ କରି ରଖାଯାଇଥାଏ, ସେଠାକୁ ଉଭୟେ ଗଲେ। ଆଉ ଟିନା ଭ୍ରୁଣକୁ ନିଜ ଗର୍ଭରେ ଧାରଣ କରି ଗର୍ଭବତୀ ହେଲେ। ତେବେ ସେ ଯେଉଁ ଭ୍ରୁଣକୁ ନିଜ ଗର୍ଭରେ ଧାରଣ କଲେ ତାହା ୨୭ ବର୍ଷ ପୂର୍ବରୁ ସଂରକ୍ଷିତ ହୋଇ ରହିଥିଲା। ତେଣୁ ଝିଅ ଜନ୍ମ ହେବାପରେ ତାକୁ ୨୭ ବର୍ଷର ବୋଲି କୁହାଗଲା।